ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

ସମ୍ବାଦ କଳିକା

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

E-mail : sambadkalikanews@gmail.com

The Sambad Kalika

ମୂଲ୍ୟ ୨.୦୦ ଟଙ୍କା : 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୪୫ ● ୧୨ ମାର୍ଚ୍ଚ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-45 ● 12th March 2025, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

୬

ଆଇପିଏଲ ୨୦୨୫ ପାଇଁ ନୂଆ ଜର୍ସି ଲଞ୍ଚ୍ କଲା ଆର୍‌ସିବି

ଦିନ ତମାମ ବିଧାନସଭାରେ ଲାଗି ରହିଲା ଅଚଳାବସ୍ଥା

୭ଦିନ ପାଇଁ ତାରା ବାହିନୀପତି ସସ୍‌ପେଣ୍ଡ

ଭୁବନେଶ୍ୱର, ୧୧।୩
ନ୍ୟୁଜ୍ ବ୍ୟୁରୋ

ସପ୍ତଦଶ ଓଡ଼ିଶା ବିଧାନସଭାର ଚଳିତ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନର ମଙ୍ଗଳବାର ତୃତୀୟ କାର୍ଯ୍ୟ ଦିବସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା। ବିରୋଧୀଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଦୁଇଦିନ ଧରି ଚଳାଇଥିବା ବିକ୍ଷୋଭ, ପ୍ରତିବାଦ ଓ ପୋଷ୍ଟର ପ୍ରଦର୍ଶନ ଜନିତ ହଙ୍ଗାମା ଚରମ ସୀମାରେ ପହଞ୍ଚିଥିଲା। ଯାହାଫଳରେ ବାଚସ୍ପତି ସୁରମା ପାଢୀ ଗୃହକୁ ପ୍ରଥମାର୍ଦ୍ଧରେ ତିନିଥର ମୁଲତବୀ ଘୋଷଣା କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଅନୁରୂପ ପରିସ୍ଥିତି ପାଇଁ ଗୃହକୁ ଲଗାତର ୫ ଥର ମୁଲତବୀ ଘୋଷଣା କରାଯାଇଥିଲା। ଦିନ ତମାମ ବିରୋଧୀ ଦଳର ବିଧାୟକମାନେ

ସେମାନଙ୍କର ନାରାବାଜି, ହଙ୍ଗାମା ଜାରି ରଖିଥିଲେ। ବିଧାନସଭାରେ ମହିଳା ବାଚସ୍ପତିଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ ସାଙ୍ଗକୁ ପୋଷ୍ଟର ଓ କାଗଜପତ୍ର ଚିରି ତାଙ୍କ ଉପରକୁ ଫିଙ୍ଗିବା ଭଳି ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିବା ଦର୍ଶାଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଗୃହରୁ ସସ୍‌ପେଣ୍ଡ କରିବା ଏବଂ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶାସକ ଦଳର ବିଧାୟକମାନେ ଦାବି ଉଠାଇଥିଲେ। ବାଚସ୍ପତି ଶ୍ରୀମତୀ ପାଢୀ ଶେଷ ପର୍ଯ୍ୟାୟରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଠାରୁ ଏ ବାବଦରେ ମତ ଲୋଡ଼ିଥିଲେ। ଏହାପରେ ଶ୍ରୀ ପ୍ରଧାନ ବିଧିବଦ୍ଧ ଭାବେ ଏକ ପ୍ରସ୍ତାବ ଆଗତ କରିଥିଲେ। ସେ ଦର୍ଶାଇଥିଲେ ଯେ, ସଂସଦୀୟ ଗଣତନ୍ତ୍ର ପରମ୍ପରା ପରିପନ୍ଥୀ କାର୍ଯ୍ୟ ଗୃହରେ ବିରୋଧୀ ଦଳ ପକ୍ଷରୁ କରାଯାଇଛି। ବିରୋଧୀ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମହିଳା ବାଚସ୍ପତିଙ୍କୁ ଅସମ୍ମାନ ପ୍ରଦର୍ଶନ କରିବା ସହ ତାଙ୍କ ଉପରକୁ କାଗଜପତ୍ର ଓ ପୋଷ୍ଟର ଚିରି ଫିଙ୍ଗିବା ଭଳି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିବାରୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ *(ପୃଷ୍ଠା ୭ରେ)*

ମରିସସ୍‌ରେ ମୋଦି : ଦୁଇ ଦିନିଆ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୧।୩

ମରିସସ୍‌ରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏୟାରପୋର୍ଟରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଏକ ବିରାଟ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଛନ୍ତି ମରିସସ ପ୍ରଧାନମନ୍ତ୍ରୀ।

ଦୁଇ ଦିନିଆ ମରିସସ ଗସ୍ତରେ ଅଛନ୍ତି ଶ୍ରୀ ମୋଦି। ମରିସସର ୫୭ତମ ରାଷ୍ଟ୍ରୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ଶ୍ରୀ ମୋଦି । ଏହି ଗସ୍ତ କୂଟନୈତିକ ଦୃଷ୍ଟିରୁ ବଡ ଗୁରୁତ୍ୱ ରଖୁଛି । ଦୁଇ ଦେଶର ଆର୍ଥିକ ବ୍ୟବସ୍ଥା ଏବଂ

ପ୍ରତିରକ୍ଷା କ୍ଷେତ୍ର ପାଇଁ ବଡ ଗୁରୁତ୍ୱ ବହନ କରୁଛି । ତେବେ ଶ୍ରୀ ମୋଦିଙ୍କୁ ଦେଖିବାକୁ ମରିସସର ପ୍ରବାସୀ ଭାରତୀୟମାନେ ଉତ୍ସାହିତ ଅଛନ୍ତି ଏବଂ ଶ୍ରୀ ମୋଦି ପହଞ୍ଚିବା ପରେ ସ୍ୱାଗତ ପାଇଁ ଆସିଥିବା କିଛି ସ୍କୁଲ ପିଲାଙ୍କ ସହ କଥା ମଧ୍ୟ ହୋଇଛନ୍ତି।

ପାକିସ୍ତାନରେ ଟ୍ରେନ ହାଇଜ୍ୟାକ୍

ଇସଲାମାବାଦ, ୧୧।୩

ପାକିସ୍ତାନରେ ଟ୍ରେନ ହାଇଜ୍ୟାକ କଲେ ଆତଙ୍କବାଦୀ। ପାକିସ୍ତାନର ବେଲୁଚିସ୍ତାନରେ ବାଲୁଚ ଲିବରେସନ ଆର୍ମି ଜାଫର ଏକ୍ସପ୍ରେସକୁ ହାଇଜ୍ୟାକ କରିଛି। କେବଳ ଏତିକି ନୁହେଁ, ବାଲୁଚ ସେନା ଟ୍ରେନରେ ଥିବା ସମସ୍ତ ଯାତ୍ରୀଙ୍କୁ ବନ୍ଧକ ରଖିଛି। ବାଲୁଚ ଲିବରେସନ ଆର୍ମି ସୋସିଆଲ ମିଡିଆରେ ଟ୍ରେନ ଅପହରଣ ସମ୍ପର୍କରେ ସୂଚନା ଦେଇଛି।

ଶହେ ଯାତ୍ରୀଙ୍କ ମଧ୍ୟରେ ଅନେକ ସେନା ଅଧିକାରୀ ଥିବା ସୂଚନା ମିଳିଛି। ଅପହରଣ ପାଇଁ ନିଜକୁ ଦାୟୀ କରିଛି ବେଲୁଚିସ୍ତାନ ଲିବରେସନ ଆର୍ମି । ଟ୍ରେନଟି କ୍ୱେଟାରୁ

ପେଶୱାର ଯାଉଥିବା ବେଳେ ଅପହରଣ ହୋଇଛି । ପାକିସ୍ତାନଠାରୁ ବେଲୁଚିସ୍ତାନର ସ୍ୱାଧୀନତା ଚାହୁଁଥିବା ବାଲୁଚ ଲିବରେସନ ଆର୍ମି ଏକ ବିବୃତ୍ତିରେ କହିଛି ଯେ, ଆମେ ଏକ ଟ୍ରେନକୁ ହାଇଜ୍ୟାକ କରିଛୁ ଏବଂ ଯାତ୍ରୀମାନଙ୍କୁ ବନ୍ଧକ ରଖିଛୁ । ରେଳବାଇ ଅଧିକାରୀମାନେ ଜଣାଇଛନ୍ତି ଯେ, ଜାଫର ଏକ୍ସପ୍ରେସର ନଅଟି କୋଚରେ ପ୍ରାୟ ୪୦୦ ଯାତ୍ରୀଙ୍କୁ ନେଇ ପାକିସ୍ତାନ ଦକ୍ଷିଣ-ପଶ୍ଚିମ ବେଲୁଚିସ୍ତାନ ପ୍ରଦେଶର କ୍ୱେଟାରୁ ଖାଇବର ପଖତୁନଖାର ପେଶାୱାରକୁ ଯାତ୍ରା କରୁଥିବା ବେଳେ ଏହା ଉପରେ ଗୁଳିଚାଳନା କରାଯାଇଥିଲା। ଏପରି ପରିସ୍ଥିତିରେ ଏବେ ପ୍ରଶ୍ନ ଉଠୁଛି ଯେ ଏହି ବାଲୁଚ ଲୋକମାନେ କିଏ, ଯେଉଁମାନେ ପାକିସ୍ତାନ ସରକାର ଏବଂ ଏହାର ସେନା ପାଇଁ ସମସ୍ୟା ପାଲଟିଛନ୍ତି।

ଓଡ଼ିଶାର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର : ଆଇନ୍‌ମନ୍ତ୍ରୀ

ଭୁବନେଶ୍ୱର, ୧୧।୩
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ଏବଂ ପ୍ରତିଶ୍ରୁତିବଦ୍ଧ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି। ବିଜେପିର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ବିଧାନସଭା ବାହାରେ ଯେଉଁ ବିବୃତ୍ତି ଦେଇଛନ୍ତି, ସେଥିସହ ରାଜ୍ୟ ସରକାର ସହମତ ନୁହଁନ୍ତି। ଏହା ତାଙ୍କର ବ୍ୟକ୍ତିଗତ ମତ ବୋଲି ଶ୍ରୀ ହରିଚନ୍ଦନ ଗୃହରେ ସ୍ପଷ୍ଟ କରିଛନ୍ତି।

ବାଚସ୍ପତି ସୁରମା ପାଢୀଙ୍କ ଅନୁମତିକ୍ରମେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୃହରେ ବିବୃତ୍ତି ରଖିଥିଲେ। ଶ୍ରୀ ହରିଚନ୍ଦନ *(ପୃଷ୍ଠା ୭ରେ)*

ଭାରତରେ ଅବୈଧ ଅନୁପ୍ରବେଶ ରୋକ୍ ଲାଗି ଆସିଲା ନୂଆ ବିଲ୍

ନୂଆଦିଲ୍ଲୀ, ୧୧।୩

ଅନୁପ୍ରବେଶ ଏବଂ ଅବୈଧ ପ୍ରବେଶକୁ ରୋକିବା ପାଇଁ ମଙ୍ଗଳବାର ସଂସଦ ଗୃହରେ ବିଲ୍ ଆଗତ କରାଯାଇଛି । ଅମିତ ଶାହଙ୍କ ପକ୍ଷରୁ ବିଲ୍ ଉପସ୍ଥାପନ କରିବା ସମୟରେ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ ଯେ ଏହି ବିଲ୍ କାହାକୁ ଦେଶରେ ପ୍ରବେଶ କରିବାରୁ ରୋକିବା ପାଇଁ କରାଯାଇ ନାହିଁ ବରଂ ଏହି ବିଲ୍‌ର ଉଦ୍ଦେଶ୍ୟ ଯେ, ଯେକୌଣସି ବିଦେଶୀ ଭାରତ ଆସିବେ, ସମସ୍ତେ ଭାରତର ପ୍ରଚଳିତ ନିୟମର ପାଳନ କରି ଆସିବା ବାଧ୍ୟତାମୂଳକ । କଂଗ୍ରେସ ସାଂସଦ ମନୀଷ ତିୱାରୀ ଏବଂ ଟିଏମସିର ସୌଗତ ରାୟ ଏହି ବିଲକୁ ଦୃଢ ବିରୋଧ କରିଛନ୍ତି ।

ଏହି ବିଲ୍‌ର ଉଦ୍ଦେଶ୍ୟ ହେଉଛି ଭାରତର ପ୍ରବାସନ ନିୟମକୁ ଆଧୁନିକୀକରଣ ଏବଂ ସୁଦୃଢ଼ କରିବା। ଏହି ବିଲ୍ କେନ୍ଦ୍ର ସରକାରଙ୍କୁ ପାସପୋର୍ଟ କିମ୍ବା ଅନ୍ୟାନ୍ୟ ଯାତ୍ରା ଡକ୍ୟୁମେଣ୍ଟ ଆବଶ୍ୟକତା ଏବଂ ଭାରତରେ ପ୍ରବେଶ କିମ୍ବା

ପ୍ରସ୍ଥାନ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ବିଦେଶୀଙ୍କ ସହ ଜଡିତ ମାମଲାଗୁଡ଼ିକୁ ନିୟନ୍ତ୍ରଣ କରିବାର କ୍ଷମତା ପ୍ରଦାନ କରେ। ଏଥିରେ ଭିସା ଏବଂ ପଞ୍ଜୀକରଣ ଆବଶ୍ୟକତା ଏବଂ ସମ୍ପର୍କିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ।

ଦେଶ ସୁରକ୍ଷା ପାଇଁ ପ୍ରବାସନ ସମ୍ପର୍କିତ ଏହି ବିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ବିଲରେ, ଆଇନଗତ ସ୍ଥିତି ପ୍ରମାଣ କରିବାର ଦାୟିତ୍ୱ ରାଜ୍ୟ ବଦଳରେ ବ୍ୟକ୍ତି ଉପରେ ନ୍ୟସ୍ତ କରାଯାଇଛି । ଏହି ବିଲ୍ ଭାରତର ଜାତୀୟ ସୁରକ୍ଷା, ସାର୍ବଭୌମତ୍ୱ କିମ୍ବା ଅଖଣ୍ଡତା ପ୍ରତି ବିପଦ ଥିବା କୌଣସି ବିଦେଶୀ ନାଗରିକଙ୍କ ପ୍ରବେଶ କିମ୍ବା ରହିବାକୁ ସ୍ପଷ୍ଟ ଭାବରେ ରୋକ ଲଗାଇଥାଏ । ଏହା ସମସ୍ତ *(ପୃଷ୍ଠା ୭ରେ)*

ଦେଶରେ ବଢୁଛି ସ୍ୱାଇନ୍ ଫ୍ଲୁ ମାମଲା, ୧୬ ରାଜ୍ୟରେ ୫୧୬ ଆକ୍ରାନ୍ତ

ନୂଆଦିଲ୍ଲୀ, ୧୧।୩

ଦେଶରେ ସ୍ୱାଇନ୍ ଫ୍ଲୁ ବା ଏଚ୍-୧ଏନ୍-୧ ଭୂତାଣୁ ସଂକ୍ରମଣ ପୁଣି ବ୍ୟାପିବାରେ ଲାଗିଛି । ଦେଶର ୮ଟି ରାଜ୍ୟରେ ଏହାର ପ୍ରସାର ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଜାନୁଆରୀ ୨୦୨୫ରେ ୧୬ଟି ରାଜ୍ୟରେ ୫୧୬ ଜଣ ସ୍ୱାଇନ ଫ୍ଲୁରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୬ ଜଣଙ୍କ ମୃତ୍ୟୁ ଘଟିଛି।

କେରଳରେ ସର୍ବାଧିକ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନସିଡିସି) *(ପୃଷ୍ଠା ୭ରେ)*

ଏକାଳ ପଖାଳ

ପ୍ରତିବାଦ ଆଉ ଜନସ୍ୱାର୍ଥ ପ୍ରଶ୍ନ
କଥାଟା ଯେ ଗୋଟେ ପଟେ
ହେଲେ ନେତାଙ୍କର କାଣ୍ଡ କାରଖାନା
ଗଡେ ଦାଣ୍ଡ ଆଉ ହାଟେ
ସଭା ଗୃହେ ବିଶୃଙ୍ଖଳା ଘଟେ
ଠେଲାପେଲା ମାରପିଟ୍ ଡିଆଁକୁ
ଦରକାର ନିଶ୍ଚେ ଛାଟେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଖର୍ଚ୍ଚଦାବି ପାରିତ

୮ ମାସ ଭିତରେ ୨୫୦ ରାଜସ୍ୱ ଗ୍ରାମ ଘୋଷଣା କରାଯାଇଛି

ଭୁବନେଶ୍ୱର, ୧୧।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ନୂଆ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଗତ ଆଠ ମାସ ମଧ୍ୟରେ ୨୫୦ ପଡାଗ୍ରାମକୁ ରାଜସ୍ୱ ଗ୍ରାମ ରୂପେ ଘୋଷଣା କରାଯାଇଛି। ସେହିପରି ଆଗାମୀ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅବଶିଷ୍ଟ ପଡାଗ୍ରାମର ଆବେଦନକୁ ବିଚାରକୁ ନିଆଯାଇ ରାଜସ୍ୱ ଗ୍ରାମ ରୂପେ ଘୋଷଣା କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ପ୍ରକାଶ କରିଛନ୍ତି।

ମଙ୍ଗଳବାର ଗୃହରେ ମନ୍ତ୍ରୀ ଶ୍ରୀ ପୂଜାରୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପର୍କିତ ୧୯୧୨ କୋଟି ୯୭ ଲକ୍ଷ ୯୬ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ। ବିରୋଧୀ ଦଳର ହଙ୍ଗାମା ନାରାବାଜି ଅବ୍ୟାହତ ଥିବା ବେଳେ କେବଳ ଶାସକ ବିଜେପିର ଅଳ୍ପ କେତେଜଣ ବିଧାୟକ ଏହି ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ମନ୍ତ୍ରୀ ଶ୍ରୀ ପୂଜାରୀ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖିଥିଲେ। ସେ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ଅନେକ ଫଳପ୍ରସୂ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମଗ୍ର ରାଜ୍ୟରେ ଉତ୍ତରଦାୟୀ, କାର୍ଯ୍ୟକ୍ଷମ ଓ ସ୍ୱଚ୍ଛ ପ୍ରଶାସନ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଆହ୍ୱାନକୁ ମୂଳମନ୍ତ୍ର ରୂପେ ଗ୍ରହଣ କରି ବିଭାଗ ତାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ବିଭାଗ ଅଧୀନସ୍ଥ ଆବାସିକ ତଥା ଅଣଆବାସିକ ନୂତନ କୋଠାବାଡି ନିର୍ମାଣ, ରାଜସ୍ୱ କାର୍ଯ୍ୟାଳୟଗୁଡିକରେ ସୂଚନା ପ୍ରଯୁକ୍ତି ଭିତ୍ତିଭୂମିର ସୁଦୃଢୀକରଣ, ସରକାରୀ ଜମିର ସୁରକ୍ଷା, ରାଜସ୍ୱ କାର୍ଯ୍ୟାଳୟଗୁଡିକର ସେବା ନିର୍ବାହ ପଦ୍ଧତିର ସୁଦୃଢୀକରଣ ସହିତ ଆବଶ୍ୟକ ଆସବାବ ଓ ସଂଲଗ୍ନ ଉପକରଣ ସଂଗ୍ରହ ଆଦି ବିଭିନ୍ନ *(ପୃଷ୍ଠା ୭ରେ)*

୧୪ରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର, ୧୧।୩ : ନ୍ୟୁଜ୍ ବ୍ୟୁରୋ

ଚଳିତବର୍ଷ ମୋଟ ୪ଟି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସଂଗଠିତ ହେବ। ଦୁଇଟି ଆଂଶିକ ସୂର୍ଯ୍ୟୋପରାଗ ଏବଂ ଦୁଇଟି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ। ବର୍ଷର ପ୍ରଥମ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ମାର୍ଚ୍ଚ ୧୪ରେ ହେବ। ଏହା ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା, ଉତ୍ତର ଏବଂ ଦକ୍ଷିଣ ଆଟଲାଣ୍ଟିକ ମହାସାଗର ଆଦି ଅଞ୍ଚଳରେ ଦେଖାଯିବ। ହେଲେ ଏହା ଭାରତକୁ ଦୃଶ୍ୟମାନ ହେବ ନାହିଁ। ଭାରତୀୟ ସମୟ ପୂର୍ବାହ୍ନ ୧୦ଟା ୩୯ ମିନିଟରେ ଚନ୍ଦ୍ର ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୨ଟା ୧୮ରେ ଶେଷ ହେବ। କିନ୍ତୁ ପୂର୍ଣ୍ଣ ଗ୍ରହଣ ପୂର୍ବାହ୍ନ ୧୧ଟା ୫୬ରୁ ଅପରାହ୍ନ ୧ଟା ୧ ପର୍ଯ୍ୟନ୍ତ ଦେଖାଯିବ। ସେହି ସମୟରେ ଚନ୍ଦ୍ର ସମ୍ପୂର୍ଣ୍ଣ ରକ୍ତ ବର୍ଣ୍ଣ ଧାରଣ କରିବ। ଭାରତରେ ଦିନ ସମୟରେ ଚନ୍ଦ୍ରଗ୍ରହଣ ଘଟୁଥିବାରୁ ଦେଶର କୌଣସି ସ୍ଥାନରେ ଏହା ଦୃଶ୍ୟମାନ ହେବନାହିଁ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି । ସେହିପରି ମାର୍ଚ୍ଚ ୨୯ରେ ଆଂଶିକ ସୂର୍ଯ୍ୟୋପରାଗ ସଙ୍ଗଠିତ ହେବ । ଏହା ଉତ୍ତର ଆମେରିକା, ଗ୍ରୀନଲାଣ୍ଡ, ଆଇସଲାଣ୍ଡ, ଉତ୍ତର ଆଟଲାଣ୍ଟିକ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ରୁଷରେ ଦୃଶ୍ୟମାନ ହେବ। ଚଳିତବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ମଧ୍ୟ ଭାରତରେ ଦୃଶ୍ୟମାନ ହେବ ନାହିଁ।

ଅନ୍ୟପକ୍ଷରେ ସେପ୍ଟେମ୍ବର ୭ କିମ୍ବା ୮ ତାରିଖରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହେବ । ଏହା ସମଗ୍ର ଭାରତ ସହ ଏସିଆର ଅନ୍ୟ ଦେଶ ତଥା ୟୁରୋପ, ଆଣ୍ଟାର୍କଟିକା, ପଶ୍ଚିମ ପ୍ରଶାନ୍ତ ମହାସାଗର, ଅଷ୍ଟ୍ରେଲିଆ ଏବଂ ଭାରତ ମହାସାଗରର କିଛି ଅଞ୍ଚଳରେ ଦୃଶ୍ୟମାନ ହେବ। ସେପ୍ଟେମ୍ବର ୭ ରାତି ୮ଟା ୫୮ରୁ ୨ଟା ୨୫ ପର୍ଯ୍ୟନ୍ତ ଚନ୍ଦ୍ରଗ୍ରହଣ *(ପୃଷ୍ଠା ୭ରେ)*

୧୧ତମ ବାର୍ଷିକ ଜନ୍ମୋତ୍ସବ

ମାସିକ ଗଳ୍ପ ପତ୍ରିକା

କଥାକଳିକା

୪୬୪, ଶହୀଦନଗର, ଭୁବନେଶ୍ୱର-୭

ସମ୍ବର୍ଦ୍ଧନା • ସମ୍ମାନ • ପ୍ରତିଭା ପୁରସ୍କାର ପ୍ରଦାନ ସମାରୋହ

୧୪ ମାର୍ଚ୍ଚ ୨୦୨୫, ଶୁକ୍ରବାର, ଦୋଳପୂର୍ଣ୍ଣିମା, ପୂର୍ବାହ୍ନ ୧୦ ଘଣ୍ଟା

ସ୍ଥାନ : ଦି ପ୍ରେସ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ୍ ଛକ, ଭୁବନେଶ୍ୱର

ପ୍ରିୟ ସୁହୃଦ୍

ସପ୍ରେମ ସାରସ୍ୱତ ଶୁଭେଚ୍ଛା ଓ ଅଭିନନ୍ଦନ । ଆପଣ ଜାଣି ଖୁସି ହେବେ ଯେ 'କଥାକଳିକା'ର ୧୧ତମ ଜନ୍ମବାର୍ଷିକ ସାରସ୍ୱତ ସମାରୋହରେ ଆମକୁ ସଖ୍ୟ ପ୍ରଦାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି...

ପ୍ରବୀଣ ସାହିତ୍ୟିକ, ପ୍ରାବନ୍ଧିକ, କଥାକାର ପ୍ର. ଆଦିକନ୍ଦ ସାହୁ: ବରେଣ୍ୟ ଉଦ୍‌ଘାଟକ । ଶ୍ରୀଯୁକ୍ତ ମନ୍ମଥ କୁମାର ଶତପଥୀ, ଲୋକସଂସ୍କୃତି ଗବେଷକ ତଥା ବିଶିଷ୍ଟ ପ୍ରାବନ୍ଧିକ: ବରେଣ୍ୟ ମୁଖ୍ୟ ଅତିଥି । ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଅଗ୍ରୱାଲ, ବିଶିଷ୍ଟ ପ୍ରାବନ୍ଧିକ ତଥା ଯୋଗ ବିଶାରଦ: ବରେଣ୍ୟ ସମ୍ମାନିତ ଅତିଥି । ଡା. କୃଷ୍ଣ କେଶବ ଷଡ଼ଙ୍ଗୀ, ବେଦ ବିଦ୍ୱାନ, ଓଡ଼ିଆ ସଂସ୍କୃତିର ଅନନ୍ୟ ଭାଷ୍ୟକାର ତଥା ସୁସାହିତ୍ୟିକ: ବରେଣ୍ୟ ମୁଖ୍ୟବକ୍ତା ।

ଏହି ଭବ୍ୟ ସମାରୋହରେ ସଭାପତିତ୍ୱ କରିବେ ଜନାଦୃତ ବିଶିଷ୍ଟ ଶିକ୍ଷାବିତ୍, ପ୍ରାବନ୍ଧିକ, ନାଟ୍ୟକାର ତଥା ସୁସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ।

ସଭାମଞ୍ଚ ପରିଚାଳନା କରିବେ: ଡକ୍ଟର ଦେବାଶିଷ ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ତଥା ଭାଷାବିଦ୍ୱାନ୍ ।

ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଆପଣଙ୍କୁ ସଶ୍ରଦ୍ଧ ନିମନ୍ତ୍ରଣ ।

ଆପଣଙ୍କ ଅପେକ୍ଷାରେ...

ସମ୍ମାନର ସହ
ଭବଦୀୟ

(ଦୁର୍ଗାଚରଣ ଷଡ଼ଙ୍ଗୀ) କାର୍ଯ୍ୟନିର୍ବାହୀ ସମ୍ପାଦକ

(ସୁପ୍ରଭା ରାୟ) ମୁଖ୍ୟ ସମ୍ପାଦିକା

(ଜୟାଶୀଷ ରାୟ) ସମ୍ପାଦକ

31 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୨ ମାର୍ଚ୍ଚ ୨୦୨୫ ବୁଧବାର

ସୁବର୍ଣ୍ଣପୁର ଜିଲ୍ଲାରେ ୧,୪୨,୬୮୩ ହିତାଧିକାରୀ ପାଇଲେ 'ସୁଭଦ୍ରା' ଯୋଜନାର ଦ୍ୱିତୀୟ କିସ୍ତି

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ମହିଳାଙ୍କୁ ଆର୍ଥିକ ସଶକ୍ତ ଓ ସେମାନଙ୍କ ବିକାଶ ନିମନ୍ତେ ରାଜ୍ୟରେ ପ୍ରଣୟନ ଯୁଗାନ୍ତକାରୀ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବ୍ରହ୍ମପୁର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମର ସିଧା ପ୍ରସାରଣ ସମସ୍ତ ଜିଲ୍ଲାରେ ପ୍ରସାରିତ ହୋଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସହର ସ୍ଥିତ ଟାଉନ୍ ହଲ୍ ଠାରେ ଜିଲ୍ଲା ସ୍ତରୀୟ ମହିଳା ଦିବସ ପାଳନ ପରିପ୍ରେକ୍ଷୀରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ସହାୟତା ରାଶି ପ୍ରଦାନ ନିମନ୍ତେ ସମାବେଶ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ, ସିଡିଓ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେରଙ୍କ ସହ ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ବଳଦେବ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ, ଯୁବମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ ପ୍ରମୁଖ ଅତିଥିଭାବେ ଯୋଗଦାନ କରି ଉପସ୍ଥିତ ମା'ମାନଙ୍କୁ ଯୋଜନାର ଲକ୍ଷ୍ୟ ଓ ଉଦେଶ୍ୟ ତଥା ପ୍ରାପ୍ତ କିସ୍ତି ଟଙ୍କାର ଉପଯୁକ୍ତ ବିନିଯୋଗ ଉପରେ ସୁପରାମର୍ଶ ଦେଇ ରାଜ୍ୟ ତଥା ଦେଶ ବିକାଶରେ ସହଯୋଗୀ ହେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା ସମାରୋହରେ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବ୍ଲକ ସ୍ତରରୁ ସୁଭଦ୍ରା ହିତାଧିକାରୀ, ଜନ ପ୍ରତିନିଧି, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

ଜଳେଶ୍ୱର ନୂତନ ଥାନାଧିକାରୀଙ୍କ ଯୋଗଦାନ:ଦଲାଲ ମୁକ୍ତ ହେବ କି ଜଳେଶ୍ୱର ସାଧାରଣରେ ପ୍ରଶ୍ନବାଚୀ

ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ

ପ୍ରଶାସନିକ ସ୍ତରରେ ଏକ ଅଦଳ ବଦଳ ହୋଇଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନାଧିକାରୀ ଭାବେ ଜୟନ୍ତ କୁମାର ବେହେରାଙ୍କୁ ଅବସ୍ଥାପିତ କରାଯାଇଛି । ପୂର୍ବରୁ ଜଳେଶ୍ୱର ଥାନାଧିକାରୀ ଭାବେ ରଞ୍ଜନ କୁମାର ସେଠୀଙ୍କୁ ଭଦ୍ରକ ଥାନାର ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ଶ୍ରୀ ବେହେରା ବାଲେଶ୍ୱର ସହଦେବ ଖୁଣ୍ଟା ଥାନାରେ ଥାନା ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିବା ସହିତ ଲୋକଙ୍କୁ ଉତ୍ତମ ବ୍ୟବହାର ସାଂଗକୁ ଆଇନ୍ ଶୃଙ୍ଖଳାରେ ତୀକ୍ଷ୍ଣ ନଜର ଦିଅନ୍ତି ବୋଲି ସବୁଠାରେ ଚର୍ଚ୍ଚା ହେଉଛି । ପ୍ରକାଶ ଥାଉକି ସାଧାରଣ ଲୋକଙ୍କ କହିବା ମୁତାବକ ଥାନାକୁ ଅଭିଯୋଗ ଦେବା ପାଇଁ ଆସୁଥିବା ବ୍ୟକ୍ତିମାନେ ବହୁ ସମୟରେ ଦଲାଲଙ୍କ ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ବାଧ୍ୟ କରାଯାଏ ବୋଲି ଦୋକାନ ବଜାରେ ଆଲୋଚନା ହେଉଛି । ତେଣୁ ଶ୍ରୀ ବେହେରା ଥାନା ଭିତରେ ମେଳା ମେଳା ହୋଇ ବୁଲୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଦଲାଲ ମୁକ୍ତ କରିବା ସହିତ ସାଧାରଣ ଲୋକଙ୍କୁ ନ୍ୟାୟ ଦେବେ ବୋଲି ଆସ୍ଥା ପ୍ରକଟ କରିଛନ୍ତି । ତେବେ ଜଳେଶ୍ୱର ଅଞ୍ଚଳରେ ଭାଇଚାରା ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହିତ ଧନଜୀବନ, ଛିନ୍ତାଇ, ନିଶା ଦ୍ରବ୍ୟ (ବ୍ରାଉନ୍ ସୁଗାର)କୁ ରୋକ୍ ଲଗେଇବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବେ ବୋଲି ଗଣ ମାଧ୍ୟମକୁ କହିଛନ୍ତି । ତାଛଡା ବିଭିନ୍ନ ପ୍ରକାର ଘଟଣାକୁ ରୋକ୍ ଲାଗେଇବା ସହିତ ତୀକ୍ଷ୍ଣ ନଜର ଦେବେ ବୋଲି କହିଛନ୍ତି ।

'ପଥଭ୍ରଷ୍ଟ ସମାଜକୁ ନାରୀମାନେ ହିଁ ଶୃଙ୍ଖଳିତ କରିପାରିବେ'

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅଧ୍ୟକ୍ଷ ପ୍ରଫେସର୍ ରିତ୍ ରଞ୍ଜନ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ସାହିତ୍ୟିକା ସ୍ତମ୍ଭକାର ଡ଼ ଇତିରାଣୀ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପଥଭ୍ରଷ୍ଟ ସମାଜକୁ ଶୃଙ୍ଖଳିତ କରିବାରେ ନାରୀ ମାନଙ୍କର ବହୁମୂଖୀ ଭୂମିକାକୁ ବିଭିନ୍ନ ଉପାଖ୍ୟାନ ମାଧ୍ୟମରେ ଉପସ୍ଥାପନ କରିଥିଲେ । ବର୍ତମାନ ଓ ଆଗାମୀ ପିଢି କିପରି ସେମାନଙ୍କର ଭବିଷ୍ୟତ ବଂଶଧରକୁ ସୁପରିପାଳନ କରିପାରିବେ ସେ ସମ୍ପର୍କରେ ତୁଳସୀ ପରିବାରର ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ପ୍ରଫେସର୍ ସାହୁ ସ୍ୱାଗତ ଭାଷଣ ସହ ଭାରତ ବର୍ଷରେ ବୈଦିକ ଯୁଗରୁ ଆରମ୍ଭ କରି ବର୍ତମାନ ପର୍ଯ୍ୟନ୍ତ ଭାରତୀୟ ନାରୀ କିପରି ଦକ୍ଷତା ଓ ପାରଦର୍ଶିତା ବଳରେ ସମଗ୍ର ବିଶ୍ୱରେ ପସିଦ୍ଧିଲାଭ କରିପାରୁଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚାସୀନ ଅନ୍ୟତମ ଅତିଥି ଆଇ.କ୍ୟୁ.ଏ.ସିର ସଂଯୋଜକ ଡ଼ ମଥୁରୀ ଚରଣ ନାୟକ, ପ୍ରଶାସନିକ ଅଧିକାରିଣୀ ପ୍ରଫେସର୍ ଜ୍ୟୋତ୍ସ୍ନାମୟୀ ପତି, ଅଧ୍ୟାପିକା ଡ଼ ମମତା ସାହୁ, ଡ଼ ସୁଜାତା ମହାନ୍ତି ଏହି ଦିବସ ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଡ଼ ସାମନ୍ତଙ୍କୁ ଉପଢୌକନ, ପ୍ରତିକୃତି ସହ ସମ୍ବର୍ଦ୍ଧିତ କରାଯାଇଥିଲା । ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ମହିଳା ଅଧ୍ୟାପିକା ଓ କର୍ମଚାରୀ ମାନଙ୍କୁ ପ୍ରତିକୃତି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପିକା ପଦ୍ମଜା କବି ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ଼ ଶକ୍ତିଶେଖର ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅଧ୍ୟାପକ ସନତ କୁମାର ପ୍ରଧାନ, ରିତ୍ ଦାସ, ରାଜେନ୍ଦ୍ର ସାହୁ ଓ କାର୍ଯ୍ୟାଳୟ ସହାୟକ ବଳରାମ ବାରିକ ପ୍ରମୁଖ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

ଉ.ପ୍ରା. ବିଦ୍ୟାଳୟରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡା ପଣସପଡି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରହରାଜ ସଭାପତିତ୍ୱ କରିଥିବା ବେଳେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏନ୍ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଯୋଗଦେଇ ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ନୂଆସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁକାବତୀ ସାହାଣୀ, ସିଆର୍‌ସିସି ସୌଦାମିନୀ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ତରଫରୁ ପ୍ରଥମ ଥର ପାଇଁ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ ଓ ମାନସିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସହକାରୀ ଶିକ୍ଷୟତ୍ରୀ ପ୍ରମିଳା ବଳିଆରସିଂ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସୁଦୀପ୍ତା ମହାପାତ୍ର ସଭା ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏଥିରେ ବିଦ୍ୟାଳୟର ସଭାପତି ସୁମିତ୍ରା ବେହରଦଳାଇଙ୍କ ସମେତ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଶତପଥୀ, ମିନାକ୍ଷୀ ତ୍ରିପାଠୀ, ସବିତା ମହାନ୍ତି, ରଞ୍ଜନ କୁମାର ପାଣିଗ୍ରାହୀ, ମୋହିନୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସୁଦୀପ୍ତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଦିନକୁ ଦିନ ବଢୁଥିବା ନାରୀ ନିର୍ଯାତନାର ପ୍ରତିବାଦରେ ସୋମବାର ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ରାଜ୍ୟରେ ମହିଳା ସୁରକ୍ଷା ଏବଂ ବିକାଶର କଥା ସ୍ଲୋଗାନ୍ ଦେଇ ଶାସନକୁ ଆସିଥିବା ଭାଜପା ସରକାରର ୮ ମାସର ଶାସନ କାଳରେ ମହିଳା ହିଂସା ଘଟଣା ସୀମା ଟପିଛି । ରାଜ୍ୟରେ ୨୪ ବର୍ଷର କୁଶାସନ ଯିବା ପରେ ଏବେ ଦୁଃଶାସନ ଯୋଗୁ ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି । ଡବଲ୍ ଇଞ୍ଜିନ୍ ସରକାରରେ ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସହ ୨ ଛାତ୍ରୀ ମା' ହେବା ଘଟଣା ସରକାରଙ୍କ ଆଇନ୍ ଶୃଙ୍ଖଳାର ବିଫଳତାକୁ

ପଦାରେ ପକାଇଛି ବୋଲି କଂଗ୍ରେସ କହିଛି । ସୁଭଦ୍ରା ଯୋଜନାରେ ଟଙ୍କା ବାଣ୍ଟି ମହିଳାଙ୍କ ବିକାଶ କଥା ପ୍ରଚାର କରୁଥିବା ମୋହନ ସରକାର ନାରୀ ସୁରକ୍ଷା ଦିଗରେ ମୌନ ରହିଛନ୍ତି, ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା' ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି, ଏହି ସମସ୍ତ ମାମଲାରେ ଅଧିକ ଘଟଣାର ଯାଞ୍ଚ ତଥା ପୀଡିତାଙ୍କ ସୁରକ୍ଷା ପାଇଁ ଅପରାଧୀଙ୍କ ବିରୋଧରେ କୌଣସି କଠୋର ତଥା ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୩୬,୪୨୦ ମହିଳା ଏବଂ ୮୪୦୩ ଶିଶୁ ନିଖୋଜ ହୋଇଯାଇଛନ୍ତି ଏବଂ ୪୨୧ ଜଣ ମହିଳା ଭାରତର ବିଭିନ୍ନ ରାଜ୍ୟକୁ ଚାଲାଣ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି । ଏହି ବିକ୍ଷୋଭ ବେଳେ ଗଞ୍ଜାମ ଜିଲ୍ଲା କଂଗ୍ରେସ ମହିଳା କମିଟି ସଭାପତି ସୁବାସିନୀ ପଟ୍ଟନାୟକ, ପୂର୍ବତନ ଏମ୍‌ପି ନକୁଳ ନାୟକ, ରାମଚନ୍ଦ୍ର ବେହେରା, କ୍ରିଷ୍ଣା ରେଡି, ଅଶୋକ ପଟ୍ଟନାୟକ, ରଞ୍ଜନ ପଟ୍ଟନାୟକ, ଗଣପତି ବାରିକ, ସକ୍ଷକା ସୁଜିତଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ୍ ଥିଲେ ।

ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମହିଳା ସମାବେଶ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ମହିଳା ସମାବେଶ ଜିଲ୍ଲା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଅର୍ଚ୍ଚନା ନାୟକ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ. ଡ଼ଃ କଳ୍ପନା ମଲିକ, ମନୀଷା ପଣ୍ଡା, ଆଇଟି ସେଲ୍‌ର ରାଜଲକ୍ଷ୍ମୀ ଦାସ, ଝିଲ୍ଲୁ ଦାସ, ସସ୍ମିତା ସାହୁ, ବନ୍ଦନାରାଣି ରାଉତରାୟ, ଉଷାରାଣୀ ମିଶ୍ର, ଜିଲ୍ଲା ପ୍ରଭାରୀ ପ୍ରତିମା ନାୟକ ପ୍ରମୁଖ ନାରୀନେତ୍ରୀ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମହିଳା ସଶକ୍ତି କରଣ, ସ୍ୱାବଲମ୍ବୀ ମହିଳା ସମାଜ ଗଠନରେ ସୁଭଦ୍ରା ଯୋଜନା ପ୍ରଣୟନ, ଲକ୍ଷପତି ଦିଦି ଆଦି ଯୋଜନା ସଂପର୍କରେ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ବିଜେପି ସରକାର ନିର୍ବାଚନ ସମୟରେ ଜନ ସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ବିଶେଷ କରି ମହିଳା ମାନଙ୍କ ଉଦ୍ଦେଶ୍ୟରେ ଦେଇଥିବା ମୋଦୀ ଗ୍ୟାରେଣ୍ଟିର ସଫଳ ରୂପାୟନ କରାଯାଇଥିବାରୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ମହିଳା ମାନଙ୍କୁ ଅଧିକ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ଅଧିକ ଯୋଜନା ପ୍ରଣୟନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବିଜେପି ନାରୀନେତ୍ରୀ, ସମର୍ଥକ ଓ ଦଳୀୟ ପଦାଧିକାରୀ ମାନଙ୍କ ସହ ବହୁ ସରପଞ୍ଚ ଓ ସମିତିସଭ୍ୟ ମାନେ ଅଂଶ ଗ୍ରହଣ କରିଥିଲେ ।

ପାଚିକା ସଂଘ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ପାଚିକା ଓ ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସର୍ବନିମ୍ନ ମଜୁରୀ, ୧୦ ପରିବର୍ତ୍ତେ ୧୨ ମାସର ଦରମା, ଅବସର ବୟସ ୬୫, ଅବସରକାଳୀନ ସୁବିଧା, ପ୍ରଭୃତି ଦାବି ନେଇ ଏଆଇଟିୟୁସିର ସଂଘ ନେତ୍ରୀ ପ୍ରଭାତୀ ମଲ୍ଲିକଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ, ମନୋଜ ସେଠୀ, ମନିଷା ମହାନ୍ତି, ସାବିତ୍ରୀ ନାୟକ, ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ନିଜ ବକ୍ତବ୍ୟରେ ରାଜ୍ୟ ସରକାଙ୍କ ଉଦାସୀନତାର ଘୋର ପ୍ରତିବାଦ୍ କରିଥିଲେ ।

ଟାଟା ଷ୍ଟିଲ୍ ପକ୍ଷରୁ ମହିଳା ଦିବସ ପାଳିତ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ଟାଟା ଷ୍ଟିଲ୍ ଯୋଡା ପକ୍ଷରୁ ବିଶ୍ୱ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି । ଯୋଡା ଷ୍ଟେ ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମ୍ପାନୀରେ କାର୍ଯ୍ୟରତ ମହିଳା ଅଫିସର ଏବଂ କର୍ମଚାରୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଟାଟା ମୁଖ୍ୟ ଡାକ୍ତରଖାନା, ଯୋଡାର ଚିଫ୍ ମେଡିକାଲ୍ ଅଫିସର ଡା. ସୁଚିସ୍ମିତା ଦାସ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଆଜିର ସମୟରେ ଗ୍ରାମୀଣ ମହିଳା ପାରମ୍ପରିକ ଚିନ୍ତାଧାରାକୁ ଭାଙ୍ଗି କିଭଳି ସଫଳତା ସାଉଁଟୁଛନ୍ତି, ସେ ଉପରେ ସେ ଆଲୋକପାତ କରିଥିଲେ । ଏହି ଅବସରରେ ଗୃହ କାର୍ଯ୍ୟ ଓ ପାଠ ପଢା ସହ ବିଭିନ୍ନ ଖେଳ ତଥା ଭାରୀ ଯାନ ଚାଳନାରେ କିପରି ସ୍ଥାନୀୟ ମହିଳା ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି, ସେ ବିଷୟରେ ସେ ଉଲ୍ଲେଖ କରିଥିଲେ । ରୋଇଡା ପଞ୍ଚାୟତ ଅନ୍ତର୍ଗତ କ୍ୟାମ୍ପ ହାଟିଂର ଉଦୀୟମାନ ଫୁଟ୍‌ବଲ୍ ଖେଳାଳି ରୂପଶ୍ରୀ ମୁଣ୍ଡା, ଅମ୍ଳିନ ମୂର୍ତି ଏବଂ ସରକାରୀ ଯୋଜନାରେ ଚାକିରି କରି କେନ୍ଦୁଝରରୁ ଯୋଡା ପୌରପାଳିକାକୁ ବସ୍ ଚଳାଉଥିବା ନିର୍ମଳା ଲାଗୁରୀଙ୍କ ଉଦାହରଣ ଦେଇ ସେମାନେ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରି ସମସ୍ତଙ୍କ ପାଇଁ ପ୍ରେରଣା ର ଉତ୍ସ ବୋଲି ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ମହିଳା କର୍ମଚାରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ବରିଷ୍ଠ ସାମ୍ବାଦିକଙ୍କ ବିୟୋଗରେ ଶୋକସଭା

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ନୀଳମଣି ସାହୁଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜିଲ୍ଲାପାଳ ଜେ. ସୋନାଲ୍‌ଙ୍କ ଅଧ୍ୟକ୍ଷତାରେ, ସଦ୍‌ଭାବନା ସଭାଗୃହ ଠାରେ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋକ ସଭାରେ ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ସେ ପ୍ରଜାତନ୍ତ୍ର, ଭଳି ଅନେକ ଦୈନିକ ଖବରକାଗଜରେ ପ୍ରତିନିଧି ଭାବେ ସକ୍ରିୟ କାର୍ଯ୍ୟ କରିଆସୁଥିଲେ । ଏହାଛଡା ଦୂରଦର୍ଶନର ସମ୍ବାଦ ବିଭାଗରେ ମଧ୍ୟ ସେ କାର୍ଯ୍ୟରତ ଥିଲେ । ସେହିପରି ଜିଲ୍ଲାର ସମସ୍ତ କାର୍ଯ୍ୟରତ ସାମ୍ବାଦିକ ତାଙ୍କ ବିୟୋଗରେ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ମାର୍ଚ୍ଚ ୨୦୨୫ ବୁଧବାର

।।।।।।।।।।।।। କଳାପଥର ଲୁଟ୍ ବେଳେ ଚଢ଼ଉ ।।।।।।।।।।।।।

ବହୁ ମେସିନ୍, ବିସ୍ଫୋରକ, ହାଇୱା ଜବତ:ମାଫିଆଙ୍କ ଛତ୍ରଭଙ୍ଗ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହାକଳା ପଥର ପାହାଡରୁ ବେଆଇନ୍ ପଥର ଖୋଳୁଥିବା ବେଳେ ସ୍ମୃତିରେଖା ପହିଙ୍କ ବିରୋଧ ଯୋଗୁ ବେଆଇନ୍ ପଥର ମାଫିଆଙ୍କୁ ବଡ଼ ଧକ୍କା ଲାଗିଛି । ସୋମବାର ଅପରାହ୍ନରେ ଚୋରାଚାଲାଣ ଓ ବ୍ଲାଷ୍ଟିଂ ସମୟରେ ସ୍ଥାନୀୟ ଲୋକମାନେ ଏହାର ତୀବ୍ରବିରୋଧ କରିଥିଲେ। ପରେ ଖବରପାଇ ବିଜେପି ନେତ୍ରୀ ସ୍ମୃତିରେଖା ସେଠାରେ ପହଞ୍ଚିଥିଲେ ଓ ଘଟଣାର ତୀବ୍ର ବିରୋଧକରି ଜିଲ୍ଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଧର୍ମଶାଳା ଥାନାଅଧିକାରୀ ରଞ୍ଜନକୁମାର ମାଝି ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ୭ଟି ହିଟାଚୀ ମେସିନ୍, ୪ଟି ବ୍ରେକର୍, ୬ଟି କମ୍ପ୍ରେସର୍, ୨ଟି ପଥର ଲୋଡିଂ ହାଇୱା ଓ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଥିଲ । ଭୟରେ ମାଫିଆ ଓ ଶ୍ରମିକମାନେ ଛାତ୍ରଭଙ୍ଗ ଦେଇ ପଳାଇଥିଲେ । ସୂଚନା ଅନୁଯାୟୀ ଧର୍ମଶାଳା ତହସିଲର ମୋଟ୍ ୮୪ ଖଦାନ ମଧ୍ୟରୁ ୨୨ ଖଦାନକୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି । ୯ଟି ଖଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ବନ୍ଦ ରହିଛି । ବିଭିନ୍ନ କାରଣରୁ ଅନ୍ୟ ବନ୍ଦ ଖଦାନ ଗୁଡ଼ିକ ଅନୁମତି ଦିଆଯାଇନାହିଁ କିନ୍ତୁ ବେଆଇନ୍ ଭାବେ ପଥର ଉତ୍ତୋଳନକରି ଲୁଟ୍ କରିବା ପାଇଁ ଚୋରା ବେପାରୀମାନଙ୍କ ମଧ୍ୟରେ ପ୍ରଦିଦ୍ୱନ୍ଦ୍ୱିତା ଲାଗିଛି । ରାତିଦିନ ଲୁଟ୍ ଚାଲିଛି । ଫଳରେ କଳାପଥର ବେପାର ନେଇ ସ୍ଥାନୀୟ

ଅଞ୍ଚଳରେ ସର୍ବଦା ଉତ୍ତେଜନା ଲାଗିରହିଛି । ସ୍ଥାନୀୟ ବିଧାୟକ, ଜିଲ୍ଲା ଖଣି ଅଧିକାରୀ ଓ ଜିଲ୍ଲାପ୍ରଶାସନ, ପୋଲିସର ନିରବ ରହିବା ଘଟଣା ପ୍ରତିବାଦରେ ଗ୍ରାମବାସୀମାନେ ରାତିସାରା ସେଠାରେ ଧାରଣାରେ ବସି ରହିଥିଲେ ।

ଲୋକକଳା ହେଉଛି ସେହି ସୂତ୍ର ଯାହା ଆମ ସମାଜରେ ଥିବା ବିଭିନ୍ନତାକୁ ଏକତାର ସୂତାରେ ବାନ୍ଧି ରଖେ:ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ନ୍ୟୁଜ୍

ଲୋକକଳା ହେଉଛି ସେହି ସୂତ୍ର ଯାହା ଆମ ସମାଜରେ ଥିବା ବିଭିନ୍ନତାକୁ ଏକତାର ସୂତାରେ ବାନ୍ଧି ରଖେ, ଆମକୁ ଆମର ଅତୀତ ସହିତ ସଂଯୋଗ କରେ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ମାର୍ଗଦର୍ଶନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର ବନେଇକଳା ସତ୍ୟନାରାୟଣ ପାଲା କମିଟି ଦ୍ୱାରା ଆୟୋଜିତ ୪୭ ତମ ଜିଲ୍ଲା ସ୍ତରୀୟ ସାହିତ୍ୟ ସମ୍ବର୍ଦ୍ଧନା ସଭା ତଥା ପାଲା ସମ୍ମିଳନୀରେ ଯୋଗଦାନ କରି କହିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିକାଲିର ଫେସ୍‌ବୁକ୍, ଏକ୍ସ, ଇନ୍‌ଷ୍ଟାଗ୍ରାମ୍, ୟୁଟୁବ୍, ନେଟ୍‌ଫ୍ଲିକ୍ସ ଏବଂ ଓଟିଟି ଯୁଗରେ ପାଲାକୁ ବଞ୍ଚେଇକି ରଖିଥିବା ମହାନ୍ ପାଲାକାର ମାନଙ୍କୁ ଯେତେ ପ୍ରଶଂସା କଲେ ବି ସେତେ କମ୍ । ଓଡ଼ିଶାର କିମ୍ବଦନ୍ତୀ ପାଲାଗାୟକ ପରମାନନ୍ଦ ଶରଣ କୁହନ୍ତି- ପାଲାକାର ମାନଙ୍କ ଜୀବନ ଖଣ୍ଡାଧାରରେ ଚାଲୁଥିବା ଯୋଦ୍ଧାର ଜୀବନ ପରି ସଂଘର୍ଷପୂର୍ଣ୍ଣ । ଏଣୁ ଆଜି ବି ସେ ଉକ୍ତିର ପ୍ରାସଙ୍ଗିକତା ରହିଥିବା ଜଣାଯାଏ ।

୪୭ ତମ କେନ୍ଦୁଝର ଜିଲ୍ଲା ସ୍ତରୀୟ ସାହିତ୍ୟ ସମ୍ବର୍ଦ୍ଧନା ସଭା

ଆପଣଙ୍କ ମୁଖ୍ୟମନ୍ତ୍ରୀ ଭାବରେ, ମୁଁ ଆମର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବାକୁ ପ୍ରତିବଦ୍ଧ । ଆମେ ଆମର କଳାକାରମାନଙ୍କୁ ସମର୍ଥନ କରିବା ପାଇଁ କାର୍ଯ୍ୟ ଜାରି ରଖିଛୁ, ଏହା ନିଶ୍ଚିତ କରିବୁ ଯେ ଲୋକକଳା ଆହୁରି ବିକଶିତ ହେବ । ପ୍ରତିଭା ପ୍ରଦର୍ଶନ ପାଇଁ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଏବଂ ଆମର ଶିକ୍ଷାଗତ ପାଠ୍ୟକ୍ରମରେ ଲୋକକଳାକୁ ସାମିଲ୍ କରିବା ପାଇଁ ପଦକ୍ଷେପ ନିଆଯିବ । ଆସନ୍ତୁ ଆମେ ପରବର୍ତ୍ତୀ ପିଢ଼ିକୁ ଆମର ଐତିହ୍ୟକୁ ଆଗକୁ ବହନ କରିବା ପାଇଁ ସଶକ୍ତ କରିବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଥିଲେ । ସେ ପୁଣି କହିଥିଲେ ଯେ, ସତ୍ୟନାରାୟଣ ପାଲା କାହାଣୀ ବୃତ୍ତାନ୍ତ, ସଙ୍ଗୀତ ଏବଂ ନୃତ୍ୟର ସୁନ୍ଦର ସମ୍ମିଶ୍ରଣକୁ ପ୍ରଦର୍ଶନ କରେ ଯାହା ଆମର ଲୋକ ପରମ୍ପରାର ମୂଳ ଭିତ୍ତି ଅଟେ । ପିଢ଼ି ପରେ ପିଢ଼ି ଚାଲି ଆସୁଥିବା ଏହି କଳା ନୈପୁଣ୍ୟର ଉତ୍କୃଷ୍ଟ ସ୍ୱରୂପଗୁଡ଼ିକ ଆମର ପୂର୍ବପୁରୁଷଙ୍କ ସ୍ୱରକୁ ପ୍ରତିଧ୍ୱନିତ କରେ ଏବଂ ସେମାନଙ୍କ ସହିତ ଆମର ପୂର୍ବପୁରୁଷଙ୍କ ଜ୍ଞାନକୁ ବହନ କରେ ଏଗୁଡ଼ିକ ଆମର ଆନନ୍ଦ, ଆମର ସଂଘର୍ଷ ଏବଂ ଆମର ସାମୂହିକ ସ୍ୱପ୍ନକୁ ଧାରଣ କରିଥାଏ । ଏକତା ଏବଂ ଉତ୍ସବର ଏହି ଭାବନାରେ, ମୁଁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆମର ସମୃଦ୍ଧ ସଂସ୍କୃତିକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରନ୍ତୁ ଅନ୍ୟମାନଙ୍କ ମଧ୍ୟରେ ସଭାପତି, ମା' ତାରିଣୀ ପାଲାକାର ପରିଷଦ, କେନ୍ଦୁଝର ରମାକାନ୍ତ ପାତ୍ର, ସଭାପତି, ନୀଳାଚଳ ନିଳୋତ୍କଳ ପାଲା ଗାୟକ ପରିଷଦ ଓଡ଼ିଶା ମଦନ ମୋହନ ଜେନା, ସ୍ଥାୟୀ ସଭାପତି, ମା' ତାରିଣୀ ପାଲାକାର ପରିଷଦ, କେନ୍ଦୁଝର ଗାୟକ ଭୂଷଣ ନାରାୟଣ ଚନ୍ଦ୍ର ଦାଶ, ବରିଷ୍ଠ ଆଇନଜୀବୀ ତଥା ମୁଖ୍ୟ ଉପଦେଷ୍ଟା, ମା' ତାରିଣୀ ପାଲାକାର ପରିଷଦ ଚତୁର୍ଭୁଜ ହୋତା, ସମ୍ପାଦକ, ନୀଳାଚଳ ନିଳୋତ୍କଳ ପାଲା ଗାୟକ ପରିଷଦ ଓଡ଼ିଶା, ଗାୟକ ଆନନ୍ଦ ବସନ୍ତ କୁମାର ରାଉତ, ଉପାଧ୍ୟକ୍ଷ, ସ୍ନାୟୁରୋଗ ବିଭାଗ, ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ଡାକ୍ତର ରବିନାରାୟଣ ପଣ୍ଡା, ସଭାପତି, ଆୟୋଜକ କମିଟି ବନେଇକଳା, ଦାଶରଥୀ ମହାନ୍ତ ପୃଷ୍ଠପୋଷକ, ମା' ତାରିଣୀ ପାଲାକାର ପରିଷଦ, କେନ୍ଦୁଝର ଭରତ କୁମାର ମହାନ୍ତ ଏବଂ ଶହ ଶହ କଳା ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ ।

ଭବିଷ୍ୟତ ଗଠନ ନିମନ୍ତେ କନ୍ୟାଶ୍ରମ ଅନ୍ତେବାସୀଙ୍କୁ ସଚେତନତା

ବାଲେଶ୍ୱର, ନ୍ୟୁଜ୍

ବିଶ୍ୱର ସମସ୍ତ ମହିଳାଙ୍କ ପ୍ରତି ସମ୍ମାନ ଜଣାଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ମହିଳା କର୍ମଚାରୀଙ୍କ ଦ୍ୱାରା ଆନ୍ତର୍ଜାତିକ ମହିଳା ଦିବସ-୨୦୨୫ ପାଳିତ ହୋଇଯାଇଛି । ସମାଜର ସବୁ ବର୍ଗର ଜନସାଧାରଣଙ୍କୁ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକ ମାଧ୍ୟମରେ ଯୋଡିବା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ରହିଆସିଛି । ଏହି ଭିତ୍ତିରେ ଆନ୍ତର୍ଜାତିକ ମହିଳା ଦିବସରେ ଏକ ଭିନ୍ନ ଧରଣର ସାମାଜିକ ସଚେତନତା କାର୍ଯ୍ୟକ୍ରମକୁ ପରିକଳ୍ପନା କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ମହିଳା କର୍ମଚାରୀଙ୍କ ଦ୍ୱାରା ନୀଳଗିରି ସ୍ଥିତ କୃଷ୍ଣ ଶୁକରୀ କନ୍ୟାଶ୍ରମ ଓ ଫୁଲାଡି ରୋଡ ସ୍ଥିତ କରୁଣା ଗୌରୀ ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାକାର କୁନିକୁନି ପିଲାମାନଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଅବଗତ କରାଯାଇଥିଲା । କନ୍ୟାଶ୍ରମର ଛାତ୍ରୀମାନଙ୍କୁ ନିଜର ସୁରକ୍ଷା, ଲିଙ୍ଗଗତ ପ୍ରଭେଦ ଓ ସମାନତା, ସାମାଜିକ ଦାୟିତ୍ୱ, ଅନ୍ତର୍ଭୁକ୍ତମୂଳକ ପ୍ରଶିକ୍ଷଣ ଓ ଭବିଷ୍ୟତ ଗଠନ ଇତ୍ୟାଦି ସମ୍ପର୍କରେ ସଚେତନଶୀଳ ବାର୍ତ୍ତା ପ୍ରଦାନ କରାଯାଇଥିଲା । କରୁଣା ଗୌରୀ ଆଶ୍ରୟସ୍ଥଳୀର ପିଲାମାନଙ୍କ ସହିତ ବ୍ୟକ୍ତିଗତ ଭାବେ କଥାବାର୍ତ୍ତା କରାଯାଇ ସେମାନଙ୍କର ରୁଚି, ଜୀବନଶୈଳୀ ଓ ଅନ୍ୟାନ୍ୟ ବିଷୟରେ ପଚାରି ବୁଝିଥିଲେ । ଏହି ଅବସରରେ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ରହି, ପିଲାମାନଙ୍କୁ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ସମ୍ବନ୍ଧିତ ବିଷୟରେ ଅବଗତ କରାଇଥିଲେ । ଏହାସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍କୁଲ୍ ପିଲାମାନଙ୍କୁ ବ୍ୟାଗ୍ ବଣ୍ଟନ କରାଯାଇଥିଲା । ଏହି ଆଶ୍ରମ ଗୁଡିକର କୋମଳମତି ଶିଶୁମାନଙ୍କ ମଧ୍ୟରେ ଥିବା ସଙ୍ଗୀତ-ନୃତ୍ୟ କଳା ଓ ଅନ୍ୟାନ୍ୟ ପ୍ରତିଭା ପ୍ରଦର୍ଶନକୁ ସମସ୍ତେ ପ୍ରଶଂସା କରିଥିଲେ ।

ଜୁଏଲାରୀ ଦୋକାନରୁ ୪୮ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍:ସେଲ୍ସମ୍ୟାନ୍ ଗିରଫ

କଟକ, ନ୍ୟୁଜ୍ ବ୍ୟୁରୋ

ଲୁଟ୍ କରିବାର ନୂଆ ଟ୍ରିକ୍ । ଯେଉଁ ସ୍ଥାନରେ କାମ କରୁଥିଲା ସେଠାରୁ ଲୁଟୁଥିଲା । ଲକ୍ଷେ କି ୨ ଲକ୍ଷ ନୁହେଁ ଏକାଥରକେ ୪୮ ଲକ୍ଷ ସୁନା । ଏମିତି ଜଣେ କୁଖ୍ୟାତ ସୁନା ଲୁଟେରାକୁ ବାନ୍ଧିଛି କଟକ ପୁରୀଘାଟ ଥାନା ପୋଲିସ । ଗିରଫ ଲୁଟେରା ଲାଲବାଗ ଅଞ୍ଚଳର ସତ୍ୟନାରାୟଣ ସାହୁ । ସବୁଠାରୁ ଚକିତ କଲା ଭଳି କଥା ହେଉଛି ସତ୍ୟନାରାୟଣ କୌଣସି ପେଶାଦାର୍ ଲୁଟେରା ନୁହେଁ । ସେ ଦୀର୍ଘବର୍ଷ ଧରି ନୟାସଡକରେ ଥିବା ସୂରଜ ଜୁଏଲାରୀରେ ସେଲ୍‌ସ୍ ମ୍ୟାନ୍ ଭାବରେ କାମ କରୁଥିଲା । ସତ୍ୟନାରାୟଣ ପ୍ରତିଦିନ ସୁଯୋଗ ଦେଖି ଦୋକାନରୁ ଅଳ୍ପ ଅଳ୍ପ ସୁନା ନିଜ ପକେଟ୍‌ରେ ପୁରାଉଥିଲା । ଯାହା ଦୋକାନ ମାଲିକ ସୁକୁମାର ବୋଇତାଳ ଜାଣିପାରିନଥିଲେ । ହେଲେ ଚୋର ଘର କଣ ସବୁଦିନ ଅନ୍ଧାର ଥାଏ । ସତ୍ୟନାରାୟଣର କାରସାଦି ବାବଦରେ ସୁକୁମାରଙ୍କୁ ସୁରାକ୍ ମିଳିଯାଇଥିଲା ଯେତେବେଳେ ସେ ସିସିଟିଭି ଫୁଟେଜ୍ ଚେକ୍ କରିଥିଲେ । ପ୍ରମାଣ ପାଇବା ପରେ ସେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ଛାନ୍‌ଭିନ୍ କରିବା ପରେ ସତ୍ୟନାରାୟଣ ଠାରୁ ୪୮ ଲକ୍ଷ ଟଙ୍କାର ସୁନା ଜବତ କରିଛି । ସତ୍ୟନାରାୟଣ ଅନେକ ଦିନରୁ ଏପରି ଚୋରି କରୁଥିବା ସ୍ୱୀକାର କରିଛି । ପୋଲିସ ସୁନାକୁ ଜବତ୍ କରିବା ସହ ସତ୍ୟନାରାୟଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି । ପ୍ରେସ୍‌ମିଟ୍‌ରେ ସୁନା ଲୁଟ୍‌ର ସାଂଘାତିକ ସତ ବଖାଣିଛନ୍ତି କଟକ ଡିସିପି ରିଶିକେଶ ଦାନଦେଓ ଖିଲରୀ ।

ରାତି ଅଧରେ ବାଲି ଖାଦାନ ଉପରେ ଚଢଉ:ମେସିନ୍ ଜବତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ବେଆଇନ୍ ଭାବେ କେତେକ ବାଲି ଖାଦାନ ଚାଲୁଥିବା ଏବଂ ଚୋରାରେ ବାଲି ମାଟି ଚାଲାଣ ହେଉଥିବାର ଅଭିଯୋଗ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇ ଗାଡି ଏବଂ ମେସିନ୍ ଜବତ କରାଯାଉଛି । ବିଳମ୍ବିତ ରାତିରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଓ ଆଳି ତହସିଲ ଅନ୍ତର୍ଗତ ପଦନିପାଳ ବାଲି ଖାଦାନରେ ଚଢଉ କରି ପୋକଲିନ ମେସିନ୍ ଜବତ କରି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କୁ ହସ୍ତାନ୍ତର କରାଯାଇଛି । ଏଥି ସହିତ ଅନ୍ୟ ଖାଦାନ ଗୁଡିକରେ ମେସିନ୍ ଜବତ କରିବା ସହ ଜରିମାନା କରାଯାଇଥିବା ଜଣାପଡିଛି ।

ହଂସିତା ଅଭିଲିପ୍ସାଙ୍କୁ ଜାମିନ୍ ଦେଲେ ହାଇକୋର୍ଟ

କଟକ, ନ୍ୟୁଜ୍ ବ୍ୟୁରୋ

ହଂସିତା ଅଭିଲିପ୍ସାଙ୍କୁ ଗୋଟିଏ ମାମଲାରେ ହାଇକୋର୍ଟରେ ସୋମବାର ଜାମିନ୍ ମିଳିଛି । ଭୁଲ୍ ତଥ୍ୟ ଦେଇ ପାସ୍‌ପୋର୍ଟ ହାତେଇବା ମାମଲାରେ ହାଇକୋର୍ଟ ଜାମିନ୍ ମଞ୍ଜୁର କରିଛନ୍ତି । ଠକେଇ ଅଭିଯୋଗ ମାମଲାରେ ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି । ସହଯୋଗୀ ଅନିଲ ମହାନ୍ତିଙ୍କ ଜାମିନ୍ ଶୁଣାଣି ମଧ୍ୟ ଶେଷ ହୋଇଛି । ସୂଚନାନୁଯାୟୀ, ନିଜକୁ ପତି-ପତ୍ନୀର ପରିଚୟ ଦେଇ ଚତୁରତାର ଲୋକଙ୍କ ଠାରୁ କୋଟି କୋଟି ଟଙ୍କାର ଠକେଇ କରି ବନ୍ଧା ହୋଇଛନ୍ତି ବଣ୍ଟି-ବବଲି । ଏହାସହ ହଂସିତା ଅଭିଲିପ୍ସାଙ୍କ ଘରେ ଆୟକର ଟିମ୍ ପକ୍ଷରୁ (ଆଇଟି) ପକ୍ଷରୁ ଚଢଉ କରାଯାଇଥିଲା । ଦିଲ୍ଲୀ, ଝାଡଖଣ୍ଡର ୧୨ଟି ସ୍ଥାନରେ ଏକକାଳୀନ ଚଢଉ କରାଯାଇଥିଲା । ଘର, କାର୍ଯ୍ୟାଳୟରେ ଚଢଉ କରାଯିବା ସହ ଆକାଉଣ୍ଟରେ ଟଙ୍କା ନେଣଦେଣ ଉପରେ ମଧ୍ୟ ଖୋଳତାଡ କରାଯାଉଥିଲା । ବିନା ଲୋନ୍‌ରେ ଦାମୀ କାର୍ କିଣିବାକୁ ନେଇ ବିବାଦରେ ପଡିଥିଲେ ହଂସିତା । ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇଥିଲେ ହଂସିତା, ଅନୀଲ ।

ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ପାଇଁ ଯାଜପୁର କଂଗ୍ରେସର ରଣହୁଙ୍କାର

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଜେପି ସରକାରର ୮ ମାସ ଶାସନରେ ନାରୀ ନିର୍ଯ୍ୟାତନା ବୃଦ୍ଧି ବିରୁଦ୍ଧରେ ଜିଲ୍ଲାପାଳଙ୍କ ଅଫିସ ଘେରାଓ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ଆବାହକତ୍ୱରେ ଜିଲ୍ଲାର ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ସ୍ଥାନୀୟ କିଆନାଳୀ ଛକ ଠାରୁ ଏକ ବିଶାଳ ରାଲିରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ୮ ମାସର ବିଜେପି ସରକାର ସମୟରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗର ମହିଳା ଓ ଶିଶୁମାନଙ୍କ ଉପରେ କ୍ରମାଗତ ଅତ୍ୟାଚାର ବଢ଼ିଚାଲିଛି । ତଥ୍ୟ ମୁତାବକ୍ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୬ ଶହ ମହିଳା ଓ କୋମଳମତି ନାବାଳିକା ଉପରେ ବଳାତ୍କାର, ହତ୍ୟା, ଯୌନ ଉତ୍ପୀଡନ ଆଦି ଘଟଣା ମଧ୍ୟରୁ ୫୪ଟି ଗୋଟି ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ମାମଲା ବିଭିନ୍ନ ଥାନାରେ ପଞ୍ଜୀକୃତ ହୋଇଛି । ବାଲେଶ୍ୱର ଜିଲ୍ଲାର ୧୦ ବର୍ଷୀୟା ବାଳିକାକୁ ଦୁଷ୍କର୍ମ ଓ ହତ୍ୟା, ୬୫ ବର୍ଷୀୟ ବୃଦ୍ଧାକୁ ଦୁଷ୍କର୍ମ ଓ ହତ୍ୟା, ସୋର ଠାରେ ବିବାହିତ ମହିଳାକୁ ଦୁଷ୍କର୍ମ, ନୀଳଗିରି ବିଧାନସଭା କ୍ଷେତ୍ରରେ ଦୁଇ ଆଦିବାସୀ ମହିଳାଙ୍କୁ ଗଛରେ ବାନ୍ଧି ନିର୍ଯ୍ୟାତନା କରାଯାଇଛି । ତେଙ୍କାନାଳରେ ୭ ଜଣ ଅସାମାଜିକ ବ୍ୟକ୍ତି ଜଣେ ବିବାହିତା ମହିଳାକୁ ଦୁଷ୍କର୍ମ, ଅନୁଗୁଳ ଜିଲ୍ଲା ପାଳଲହଡାରେ ମହିଳାଙ୍କୁ ଗଣଦୁଷ୍କର୍ମ, ବରଗଡ ଧୁନଯାତ୍ରା ସମୟରେ ଅବିବାହିତ ଯୁବତୀକୁ ମୂର୍ମୂର୍ଷ ଅବସ୍ଥାରେ ଉଦ୍ଧାର, ଲକ୍ଷ୍ମୀପୁର ଆଦିବାସୀ ନାବାଳିକାକୁ ଗଣ ଦୁଷ୍କର୍ମ, ରାଉଲକେଲାରେ ଜଣେ ମହିଳାକୁ ଦୀର୍ଘ ଦିନ ଧରି ୪ ଜଣ ଗଣ ଦୁଷ୍କର୍ମ, ମୟୂରଭଞ୍ଜ ଜିଲ୍ଲାରେ ମହାମହିମ ରାଷ୍ଟ୍ରପତିଙ୍କ ନିଜ ଗ୍ରାମରେ ନାବାଳିକାକୁ ଦୁଷ୍କର୍ମ, ବିଶେଷକରି ଯାଜପୁର ଜିଲ୍ଲାର ବରୀ ଅଞ୍ଚଳରେ ମାଟ୍ରିକ୍ ଛାତ୍ରୀ ମାଆ ହେବା ଘଟଣା, କନ୍ୟାଶ୍ରମରେ ନାବାଳିକା ଗର୍ଭବତୀ, କେନ୍ଦୁଝର ଜିଲ୍ଲା ୬ଷ୍ଠ ଶ୍ରେଣୀ ଛାତ୍ରୀକୁ ଗର୍ଭବତୀ ଘଟଣା ଓଡ଼ିଶାର ସମ୍ମାନକୁ ସାରା ଦେଶରେ ପଦାରେ ପକାଇଛି । ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ୨୦୨୩ରେ ରାଜ୍ୟରେ ୨୮୨୬, ୨୦୨୪ରେ ୩୦୫୪ ବଳାତ୍କାର ମାମଲା ହୋଇଥିବା ବେଳେ ଏହାକୁ ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଥିବା ସୂଚନା ଦେଇଛନ୍ତି । ଯାହାକି ମହିଳା ବିରୋଧୀ ହିଂସାରେ ଓଡ଼ିଶା ଏକ ନମ୍ବର ରାଜ୍ୟ ବୋଲି କହିବା ସହିତ ମହିଳା ଓ ଶିଶୁମାନଙ୍କ ପ୍ରତି ଘଟୁଥିବା ହିଂସା ପାଇଁ ଗୃହବିଭାଗ ଦାୟୀ ବୋଲି ଅଭିଯୋଗ କରିଛି । ଜିଲ୍ଲା ସଭାପତି ଶ୍ରୀ ରାଉତ କହିଛନ୍ତି ସାଧାରଣ ଲୋକଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାପାଇଁ ଗାଣ୍ଡତନ୍ତ୍ରିକ ଉପାୟରେ କଂଗ୍ରେସ ଦଳ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବ ।

ତୁଳସୀ କ୍ଷେତ୍ରରେ ଫଗୁ ଦଶମୀ ଦୋଳ ନୀତି ସମ୍ପନ୍ନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ତୁଳସୀ କ୍ଷେତ୍ରରେ ଫଗୁ ଦଶମୀ ଦୋଳ ନୀତି ପାଳନ କରାଯାଇଛି । ସନ୍ଧ୍ୟା ଆଳତି ପରେ ମହାପ୍ରଭୁଙ୍କ ବିଜେ ପ୍ରତିମା ଗୋବିନ୍ଦ ଜୀଉ ବିମାନରେ ଯାତ୍ରା କରି ସାରଙ୍ଗ ଗ୍ରାମକୁ ଯାଇ ଫଗୁ ଦଶମୀ ଉତ୍ସବରେ ସାମିଲ୍ ହୋଇଥାନ୍ତି ନୀତି କାର୍ଯ୍ୟ ସାରି ମନ୍ଦିର ବିଜେ କରିଥାନ୍ତି । ରାତ୍ର ଧୂପ ସମ୍ପନ୍ନ ପରେ ଶ୍ରୀ ଜୀଉ ଶୁକ୍ଳ ବସ୍ତ୍ର ପରିଧାନ କରି ଅଭିର ରଙ୍ଗ ଲାଗି କରାଯାଇଥିଲା । ପରେ ଚହ୍ନା ଖଜା ଭୋଗ କରାଯାଇଥି

ପକ୍ଷାନ୍ତରୀୟ
31 YEARS
ସମ୍ବାଦ କଳିକା

ରିଟେଲ ସେକ୍ଟର ଦ୍ରୁତ ଗତିରେ ଅଭିବୃଦ୍ଧି

ଦେଶର ରିଟେଲ ସେକ୍ଟର ଦ୍ରୁତ ଗତିରେ ବିକାଶ କରୁଛି । ଏକ ରିପୋର୍ଟ ଅନୁଯାୟୀ, ଭାରତର ରିଟେଲ ସେକ୍ଟର ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ । ଭାରତରେ ଖୁଚୁରା ବଜାର ୨୦୧୪ରେ ୩୫ ଲକ୍ଷ କୋଟି ଟଙ୍କା ଥିଲା । ହେଲେ ୨୦୨୪ରେ ଏହା ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତ ଦଶନ୍ଧି ମଧ୍ୟରେ, ଦେଶର ରିଟେଲ ସେକ୍ଟର ବାର୍ଷିକ ୮.୯ ପ୍ରତିଶତ ହାରରେ ଅଭିବୃଦ୍ଧି କରିଛି । ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ଏବଂ ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ମିଳିତ ଭାବରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ, ବିଭିନ୍ନ ଗ୍ରାହକ ଗୋଷ୍ଠୀ ସହିତ, ଖୁଚୁରା ବ୍ୟବସାୟୀମାନଙ୍କୁ ବିଭିନ୍ନ ଅବସରକୁ ବୁଝିବା ଦରକାର ଓ ଦେଶର ସଫଳ ହେବାକୁ ହେଲେ ତାଙ୍କୁ ଲୋକଙ୍କ ଆବଶ୍ୟକାତା ବୁଝିବାର ଆବଶ୍ୟକତା ରହିଛି । ଭାରତ ଏବଂ ବିଦେଶରେ ସଫଳ ହେବା ପାଇଁ ବିଭିନ୍ନ ସୁଯୋଗକୁ ଚିହ୍ନିବା ଏବଂ ଲୋକଙ୍କ ଆବଶ୍ୟକତାକୁ ବୁଝିବା ଆବଶ୍ୟକ । ଯେଉଁମାନେ ଗ୍ରାହକଙ୍କ ଆବଶ୍ୟକତାକୁ ଯେତେ ଭଲ ବୁଝିପାରିବେ ସେତେ ଲାଭ କରିବେ ବୋଲି ରିପୋର୍ଟରେ କୁହାଯାଇଛି ।

ରିପୋର୍ଟରେ କୁହାଯାଇଛି ଯେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଭିନ୍ନ ଭିନ୍ନ ଗ୍ରାହକଙ୍କୁ ଆଧାର କରି ରିଟେଲ ସେକ୍ଟର ଦ୍ରୁତ ଗତିରେ ଅଭିବୃଦ୍ଧି କରିଛି । କୋଭିଡ-୧୯ ମହାମାରୀ ସମୟ ବ୍ୟତୀତ ଭାରତର ଗ୍ରାହକ ଅଭିବୃଦ୍ଧି ଧାରା ଭଲ ରହିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ରିଟେଲ ସେକ୍ଟର ୨୦୨୪-୩୪ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି କରିବାକୁ ଯାଉଛି । ୨୦୨୪ ସୁଦ୍ଧା ଏହା ୧୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରିଟେଲ ସେକ୍ଟର ବି ଡେଭଲପ ହେଉଛି । କିନ୍ତୁ ଏହି ଅଭିବୃଦ୍ଧି ଜାରି ରହିବ କି ନାହିଁ ତାହା ଏକାଧିକ କାରଣ ଉପର ନିର୍ଭର କରୁଛି । ବର୍ଦ୍ଧିତ ଜନସଂଖ୍ୟା ସହିତ ଲୋକଙ୍କ ଆଚରଣରେ ଏବେ ପରିବର୍ତ୍ତନ ଆସିଛି । ଗ୍ରାହକମାନେ ନୂଆ ଜିନିଷ କିଣିବା ବିଷୟରେ ପୂର୍ବାପେକ୍ଷା ଅଧିକ ସଚେତନ ଅଛନ୍ତି । ଏହା ସହିତ, ମହିଳା କର୍ମଚାରୀଙ୍କ ପରିସର ବୃଦ୍ଧି ପାଇବା ସହିତ, କିଣିବା ପ୍ରତି ଇଚ୍ଛା ବଢୁଛି । ମୋଟାମୋଟି କହିବାକୁ ଗଲେ ଆସନ୍ତା ଦିନମାନଙ୍କରେ ଯେତିକି ସୁଯୋଗ ଅଛି, ସେତିକି ଚ୍ୟାଲେଞ୍ଜ ମଧ୍ୟ ରହିଛି ।

ଭୁବନେଶ୍ୱରର ଅତୀତ ଓ ବର୍ତ୍ତମାନ

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବର୍ତ୍ତମାନର ଭୁବନେଶ୍ୱରର ଚିକ୍କଣିଆ ପିଚୁ ବା କଂକ୍ରିଟ ରାସ୍ତା ଉପରେ ଦୁଇ ବା ଚାରିଚକିଆ ଯାନରେ ଯିବା ଆସିବା କଲେ ଯେ ଜଣେ ସହର ବିଷୟରେ ସବୁ ଜାଣିଯାଏ ଏକଥାକୁ ମୁଁ ଆଦୌ ସମର୍ଥନ କରିବି ନାହିଁ । ମୋ ଜନ୍ମସ୍ଥାନଠାରୁ ବର୍ତ୍ତମାନର ଭୁବନେଶ୍ୱରର ଦୂରତା ମାତ୍ର ଆଠ କିଲୋମିଟର । ଭୁବନେଶ୍ୱର ନୂଆ ରାଜଧାନୀ ଗଢ଼ାହେବାପରଠାରୁ ଆଜି ପର୍ଯ୍ୟନ୍ତ ଯାହା କିଛି ଉନ୍ନତି ହୋଇଛି ତାହାସବୁ ମୁଁ ଦେଖି ଆସିଛି ଓ ଭାବି ପାରୁନାହିଁ ଯେ କାଲି କ'ଣ ଥିଲା ଓ ଆଜି କ'ଣ ହୋଇଯାଇଛି । ପୁଣି ଆଉ କ'ଣ ହେବ ଇତ୍ୟାଦି ବହୁ କଥା । ଭୁବନେଶ୍ୱରରେ ଲୋକସଂଖ୍ୟା କ୍ରମଶଃ ବି ବଢ଼ି ଚାଲିଛି । ସେହିପରି ରାସ୍ତାଗୁଡ଼ିକର ପ୍ରଶସ୍ତି କରଣ ବି ହୋଇଯାଉଛି । ଭୁବନେଶ୍ୱର କୁଆଖାଇ ନଦୀ ଉପର ହଂସପାଳଠାରେ ତିଆରି ହୋଇଥିବା ପୋଲ ଓ ତାକୁ ଲାଗି ବର୍ତ୍ତମାନର ଯେଉଁ ରାସ୍ତା ହୋଇଛି ତାହା ପାଇଁ ମାଟି ଗଦା ହେବା, ଜଙ୍ଗଲ କଟା ଓ ପିଚୁରାସ୍ତା ତିଆରି ହେବାର ଝଲକ ଏବେବି ମୋ ମନରୁ ଅପସରି ଯାଇନାହିଁ । ହୁଏତ ଭୁବନେଶ୍ୱର ଆଜି ମୋ ଆଖି ଆଗରେ ଏତେ ବଡ଼ ହୋଇଗଲାଣି ତାକୁ ହିଁ ଭାବିଲେ ମୋତେ ବିସ୍ମିତ ହେବାକୁ ପଡୁଛି ।

ଭୁବନେଶ୍ୱର ସହର କ୍ରମଶଃ ବଢ଼ିବାରେ ଲାଗିଛି । ଏଠାରେ ଜମିର ଦର ଯେ କେତେ ଅଧିକ ହେଲାଣି ତାହା ଭାବି ହେଉନାହିଁ । ପଳାଶୁଣିର ପାଣିଟାଙ୍କି ଠାରୁ ମଞ୍ଚେଶ୍ୱର ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ଖରାଦିନର ଝର ପାଣି ମାଡ଼ି ଖରାଟିଆ ଡାଲୁଅ ଧାନ କିଆରୀମାନ ଦେଖିଲେ ଖୁସି ଲାଗୁଥିଲା । ମାତ୍ର ଆଜି ଆଉ ତାହା ନାହିଁ । ଯେତିକି କୋଠାମାନ ସେଠାରେ ତିଆରି ହେଲାଣି ତାହା ବି ଆହୁରି ଏକ ସହର ଭଳି ଦେଖାଯାଉଛି । ବର୍ଷାଦିନେ ପଟିଆ, ଚନ୍ଦକାର ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ସହିତ କୁଆଖାଇରୁ ବାହାରିଥିବା ବୁଢ଼ୀ ନଦୀରୁ ଯେତିକି ପାଣି ଆସେ ତାହା ବର୍ଷାଦିନେ ପାଣି ପାଟ ଭଳି ଦେଖାଯାଏ । ପଳାଶୁଣି ଗହୀର ଭିତରେ ଥିବା କିମ୍ବାରିଆ ଯୋର ଉପରେ ତିଆରି ହୋଇଥିବା ନାଣ୍ଡିଆ ପୋଲର ଫୁକାରବାଟ ଦେଇ ସେହି ପାଣି ଗଙ୍ଗୁଆ ଧାରରେ ମିଶିଯାଏ । ହଂସପାଳ ପୋଲ ତିଆରି ନହେବା ପୂର୍ବରୁ ବାଲିଅନ୍ତା ପଟୁ ସେହିବାଟ ଦେଇ ପଳାଶୁଣି ଓ ରସୁଲଗଡ଼ ଆଡ଼କୁ ଆସିବାକୁ ପଡୁଥିଲା । ତାହାଛଡ଼ା ହଂସପାଳଠାରେ କୁଆଖାଇ ନଦୀରେ ଘାଟ ନିଲାମ ହୋଇ ଡଙ୍ଗା ଚାଲୁଥିଲା । ଘାଟ ନିଲାମ ପ୍ରାୟଶଃ ନହରକଣ୍ଟାର ଜମିଦାରଙ୍କ ଲୋକେ ଧରନ୍ତି । ସେତେବେଳେ ତାହା କଟକ କଲେକ୍ଟରଙ୍କ ଅଧୀନରେ ଥିଲା । କହିବାର କଥା ହେଲା ମଞ୍ଚେଶ୍ୱର, ପଳାଶୁଣି ଅଞ୍ଚଳରେ ଯେତେ କୋଠାଘର ହେଲାଣି ସେଥିରେ ସେ ଅଞ୍ଚଳ ସବୁ ପ୍ରାୟଶଃ ପୋତି ହୋଇ ପଡ଼ିଲାଣି । ପ୍ରାକୃତିକ ନାଳମାନଙ୍କୁ ପୋତି ତାହା ଉପରେ ଘର ତିଆରି ଚାଲିଛି । ତେବେ ଉପରୁ ଆସୁଥିବା ପାଣିର ସୁଅ କୁଆଡ଼େ ଯିବ ? ବର୍ଷାଦିନେ ଯେତେ ପାଣି ଆସେ ତାହାକୁ ନିୟନ୍ତ୍ରିତ କରିବା ସହଜ କଥା ନୁହେଁ । ସେହିଭଳି ନଦୀରେ ପାଣି ଆସିଲେ ସେ ଅଞ୍ଚଳ ସମୁଦାୟ ବୁଡ଼ିଯାଏ । ଏହିସବୁକୁ ଆଖି ଆଗରେ ନରଖି ଘରମାନ ତିଆରି କରିବାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବା ମ୍ୟୁନିସିପାଲ କରପୋରେସନ କିଭଳି ଅନୁମତି ଦେଉଛନ୍ତି ? ଯଦି ବିନା ଅନୁମତିରେ ସେପରି କୋଠାମାନ କରାଯାଉଛି ସେମାନଙ୍କୁ ତାଗିଦ କାହିଁକି କରାଯାଉ ନାହିଁ ? ଏଣେ କୁଆଖାଇ ନଦୀପଠାମାନଙ୍କରେ ଘରମାନ ବି ତିଆରି ଚାଲିଛି । ସେଥିରେ କେତେକ ଶିକ୍ଷା ଅନୁଷ୍ଠାନମାନ ବି ହୋଇଛି । ଯେଉଁମାନେ ଭୁବନେଶ୍ୱର ଉନ୍ନୟନ ନିମନ୍ତେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ସେମାନେ କ'ଣ ଆଖି ବୁଜିଦେଇଛନ୍ତି ? ସେହିଭଳି ନଦୀ ଆରପଟ ହଂସପାଳ, ରୁଦ୍ରପୁର, ନହରକଣ୍ଟା, ଜୟପୁର, ବଙ୍ଗୁଆରୀ, ପାହାଳ, ଅଣ୍ଡିଲୋ, ସାସୋଳ ଓ ପାହାଳ, କଞ୍ଜିଲୋ, ତିରଣପଦାର ଗହୀରମାନଙ୍କରେ କୋଠାମାନ ତିଆରି ଚାଲିଛି । ମାତ୍ର ସମସ୍ତେ ଭୁଲି ଯାଉଛନ୍ତି ଯେ କୁଆଖାଇ ନଦୀର ବାମପଟ ନଦୀବନ୍ଧ ଅତି ଦୁର୍ବଳ । ବହୁଥର ସେଥିରେ ଘାଇମାନ ଦେଖାଦେଲାଣି ଓ ଘଳିଆ ବି ପଡୁଛି । ନଦୀ ବଢ଼ିବେଳେ ବାଲିବସ୍ତାମାନ ଭରି ସେଗୁଡ଼ିକୁ ମରାମତି ବି କରାଯାଉଛି । ଏହା ପ୍ରାୟଶଃ ପ୍ରତ୍ୟେକ ବର୍ଷା ଋତୁରେ ନଦୀବଢ଼ି ସମୟର ଦୃଶ୍ୟ ଥାଏ । ଏହିଭଳି ଅବସ୍ଥାରେ ବହୁ ମାଫିଆ ସ୍ଥାନୀୟ ଚାଷୀମାନଙ୍କଠାରୁ ଜମିମାନ କିଣି ନେଇ ସେହି ସବୁ ବୁଡ଼ି ଅଞ୍ଚଳରେ ବହୁତଳ ପ୍ରାସାଦମାନ ତିଆରି ଆରମ୍ଭ କରିସାରିଲେଣି । ଧନିକ ଶ୍ରେଣୀର ଲୋକମାନେ ବି ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଅର୍ଥ ଆଗତୁରା ଦେଇ ସେଗୁଡ଼ିକ କିଣି ନେଉଛନ୍ତି । ପ୍ରାସାଦ ପରେ ପ୍ରାସାଦମାନ ଗଢ଼ା ହୋଇ ଚାଲିଛି । ପ୍ରଥମେ ଏହିସବୁ ଅଞ୍ଚଳ ଗ୍ରାମ ପଞ୍ଚାୟତମାନଙ୍କର ଅଧୀନରେ ଥିଲା । ଏହାପରେ ସହରାଞ୍ଚଳକୁ ସେସବୁ ବଦଳି ଯାଇଛି । ଯେଉଁ ଅନଭିଜ୍ଞ କର୍ତ୍ତୃପକ୍ଷ ଏହି ସମସ୍ତଙ୍କୁ ଅନୁଧ୍ୟାନ ନକରି ବହୁତଳ ପ୍ରାସାଦମାନ କରିବାକୁ ଅନୁମତି ଦେଉଛନ୍ତି ସେଗୁଡ଼ିକୁ ତଦନ୍ତ କରି ସେମାନଙ୍କ ବିରୁଦ୍ଧରେ ମୋକଦ୍ଦମାମାନ ରୁଜୁ କରାଯାଇପାରନ୍ତା । ବର୍ତ୍ତମାନ ସେହିସବୁ ବୁଡ଼ି ଅଞ୍ଚଳର ପାଣି ଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଇଛି କି ? କୁଆଖାଇ ନଦୀର ନୂଆପାଟଣାଠାରୁ ସୋଲ ନଦୀର ଧାର ଥିଲା । ୧୯୩୨ ମସିହାର ବଢ଼ିରେ ସେହି ନଦୀରେ ଏତେ ପାଣି ଆସିଲା ଯେ ତଳ ଅଞ୍ଚଳ ସବୁ ବୁଡ଼ିଗଲା । ସେତେବେଳର କଟକରେ ଅବସ୍ଥାପିତ ଗୋରା କଲେକ୍ଟରଙ୍କ ଆଦେଶରେ କୁଆଖାଇର ସେହି ସୋଲ ମୁହାଣକୁ ବାଲିବସ୍ତା ପକାଇ ବନ୍ଦ କରି ଦିଆଗଲା । ବଙ୍ଗଳାର ଜଣେ ଜମିଦାର ସୁଖମୟ ରାୟ ଜଗନ୍ନାଥ ରାସ୍ତାସହ କେତେକ ନଦୀନାଳ ଉପରେ ଯାତ୍ରୀମାନଙ୍କ ସୁବିଧା ପାଇଁ ବହୁ ପୋଲମାନ ନିର୍ମାଣ କରିଥିଲେ । ସୋଲ ନଦୀ ଉପରେ ସେପରି ଏକ ପୋଲ ମଧ୍ୟ ତିଆରି ହୋଇଥିଲା । ମାତ୍ର ଉକ୍ତ ବଢ଼ି ପାଣିରେ ସେହି ପୋଲ ବୁଡ଼ିଯାଇ ଭାଙ୍ଗିଗଲା । ଯାହାର ଭଙ୍ଗା ଅଂଶ ଏବେବି ରାସ୍ତାର ତଳକୁ ଗଲେ ଦେଖିବାକୁ ମିଳେ । ତେଣୁ ପାଣି ନିଷ୍କାସନ ସେତେବେଳେ ସେଠାରେ ଏକ ସମସ୍ୟା ଥିଲା । ଲୋକମାନେ ସେଥିପାଇଁ ଆନ୍ଦୋଳନ କଲେ । ମାତ୍ର କଟକର ଗୋରା କଲେକ୍ଟର ଲୋକମାନଙ୍କ କଥା ଶୁଣିଲେ ନାହିଁ । ସେଠାର ସୋଲ ମୁହାଁଣ ପୋତା ହୋଇଯିବାରୁ ସମସ୍ତ ନଦୀ ପାଣି କୁଆଖାଇ ନଦୀରେ ହିଁ ଗଲା ଓ କ୍ରମଶଃ ତାହାର କଳେବର ବୃଦ୍ଧି ପାଇଲା । ବର୍ତ୍ତମାନର କୁଆଖାଇ ସେତେବେଳେ ଏପରି ନଥିଲା । ସେହି ସୋଲ ନଦୀର କିଞ୍ଚିତ ଅଂଶ ଏବେ ମଧ୍ୟ ରହିଛି ଓ ତାକୁ ମଧ୍ୟ କ୍ରମଶଃ ଲୋକେ ପୋତିଦେବା ଆରମ୍ଭ କଲେଣି । ଏପରି ହେଲେ ଏହି ଅଞ୍ଚଳର ବର୍ଷା ଜଳ ଯିବାର ବାଟ ଆଉ ରହିଲା ନାହିଁ ।

ଅଳ୍ପଦିନ ତଳେ ମୁଁ ମୋ ଗ୍ରାମକୁ ଯିବା ରାସ୍ତାର (ବାଲିଅନ୍ତାଠାରୁ କୁରୁଣ୍ଡି ରାସ୍ତା) 'ଗିଲାମୁହଁ' ନାମକ ସ୍ଥାନର କଡ଼ରେ ଜଣେ ମାଫିଆ ପ୍ରାୟ ୩ ଏକର ଜମିକୁ ସିମେଣ୍ଟ ଖୁଣ୍ଟ ଓ ତାରଦେଇ ଘେରେଇ ରଖିଛନ୍ତି । ଶୁଣିଲି ସ୍ଥାନୀୟ ତିରଣପଦା ଗ୍ରାମର ରାଉତରାୟ ପରିବାରଙ୍କଠାରୁ ସେ ବହୁ କମ୍ ଦରରେ ସେହି ଜମିସବୁ କିଣି ନେଇଥିଲେ । ପରେ ଶୁଣିଲି ସେହି ଜମିରେ ମଧ୍ୟ ବହୁତଳ ପ୍ରାସାଦମାନ ନିର୍ମାଣ ଆରମ୍ଭ କରିନେଇଛନ୍ତି । ସ୍ଥାନଟିର ପୁରୁଣା ନାମ ଥିଲା ଗିଲାମୁହଁ ଅର୍ଥାତ ଦୁର୍ବଳ ସ୍ଥାନ । ତାହା କିଭଳି ପ୍ରକାରର ଦୁର୍ବଳ ସ୍ଥାନ ଥିଲା କହିହୁଏ ନାହିଁ । ସେଠାରେ ତିନୋଟି ୩ଫୁଟ ଉଚ୍ଚତାର ଫୁକାରରେ ଜଳ ନିଷ୍କାସିତ ହେଉଥିବା ମୁଁ ଦେଖିଥିଲି । ସେଥିପାଇଁ ବର୍ଷାଦିନେ ସେଠାରେ ପ୍ରବଳ ପାଣିର ସୁଅ ଛୁଟେ । ଲୋକମାନେ ଜାଲ ପକାଇ ସେଠାରୁ ମାଛ ଧରିଥାନ୍ତି । ସେହି ଜାଗାରେ ଗୋଟିଏ ପାଞ୍ଚଫୁଟ ଗୋଲେଇର ସିମେଣ୍ଟ ନଳାଟିଏ ପାଣି ଯିବା ନିମନ୍ତେ ପୋତି ଦେଇ ଉକ୍ତ ବ୍ୟକ୍ତି ତାଙ୍କର କିଣିଥିବା ଜମିକୁ ରାସ୍ତା ନେଇଛନ୍ତି । ସ୍ଥାନୀୟ ଲୋକଙ୍କର ଆପତ୍ତି ଯେ ଯେଉଁଠାରେ ୩ଟି ବଡ଼ ଫୁକାରର ପାଣି ନିଷ୍କାସିତ ହେଉଥିଲା ସେଠାରେ ଗୋଟିଏ ପାଞ୍ଚଫୁଟ ଗୋଲେଇର ସିମେଣ୍ଟ ନଳାରେ ସେହିସବୁ ପାଣି କିପରି ବା ଯିବ ? ଫଳରେ ଉପର ମୁଣ୍ଡରେ ପାଣି ଠେଲିହେଲେ ଫସଲ କିଆରିମାନ ନଷ୍ଟ ହେବାସହ ଗ୍ରାମମାନ ବି ବୁଡ଼ିଯିବାର ଆଶଙ୍କା ରହିଛି । ପୁଣି ଯେଉଁ ଜମିରେ ସେ ବହୁତଳ ପ୍ରାସାଦମାନ ନିର୍ମାଣ କରୁଛନ୍ତି ସେଠାରେ ବର୍ଷାଦିନେ ପ୍ରାୟ ପୁରୁଷେ ଉଚ୍ଚର ପାଣି ବହିଥାଏ । ମୁଁ ଗଲାବେଳେ ଉକ୍ତ ଜମି ମାଲିକ ସେଠାରେ ଉପସ୍ଥିତ ଥିଲେ । ତାଙ୍କୁ ସାଧାରଣ ଲୋକ ଏପରି କରିବାକୁ ବାରଣ କରୁଥିଲେ ମଧ୍ୟ ସେ ନିଜ ଜିଦ୍‌ରେ ଥିଲେ ଅଟଳ । ମୁଁ ତାଙ୍କୁ ପଚାରିବାରୁ ଉତ୍ତର ମିଳିଲା ଯେ ବି.ଡ଼ି.ଏ ଠାରୁ ସେ ଅନୁମତି ପାଇସାରିଛନ୍ତି । ବି.ଡ଼ି.ଏର କେଉଁ ଅଫିସର ତାଙ୍କୁ ଏପରି ଅନୁମତି ଦେଇଛନ୍ତି ତାଙ୍କୁ ସେଠାକୁ ଡକାଇ ସରଜମିନ ତଦନ୍ତ କରିବାକୁ ସେଠାର ଲୋକମାନେ ଦାବିକଲେ । ଏଣୁ କଥାଟାକୁ ଆଉ ଅଧିକ ଆଗକୁ ନନେଇ ସଂପୃକ୍ତ ଜମିମାଲିକ ତାଙ୍କ ଗାଡ଼ିରେ ସେଠାରୁ ଅପସରି ଯାଇଥିଲେ । ଏହା ଗୋଟିଏ ନୁହେଁ ଏପରି ବହୁ ଉଦାହରଣ ରହିଛି । ସେହି ପାଖ ଜମିମାନଙ୍କରେ ମଧ୍ୟ ପାଣି ନିଷ୍କାସନ ନିମନ୍ତେ ଉଦ୍ଦିଷ୍ଟ ଯୋରମାନଙ୍କୁ ପୋତି ଘରମାନ ତିଆରି ଚାଲିଛି । ସେହି ସବୁ ସ୍ଥାନମାନଙ୍କୁ ବି ସହଜରେ ଗାଡ଼ି ଯାଇପାରେନାହିଁ । କିଏ ବା ଶୁଣୁଛି ? ସେହି ସବୁ ଜମି ଓ ଘର କିଣା ପାଇଁ ଲୋକମାନଙ୍କର ନିଶା ସରିନାହିଁ । ପ୍ରଶାସନ ନୀରବ । ଯେଉଁଠାରେ ଫସଲ କିଆରିମାନ ହସି ଉଠୁଥିଲା ତାହା କ୍ରମଶଃ ଉଜୁଡ଼ିଯିବାରେ ଲାଗିଛି । ପୁଣି ନୂଆ ହୋଇ ଗଢ଼ା ହୋଇଥିବା ବସ୍ତିମାନଙ୍କର ଭଳିକି ଭଳି ନାମ ଫଳକମାନ ବି ଦେଖିବାକୁ ମିଳୁଛି । କେଉଁଠି ଶାରଳା ନଗର ନାମ କରଣ ହୋଇଛି ତ ଅନ୍ୟ କେଉଁଠି ସାଳନ୍ଦୀ ନଗର । ପୁରୁଣା ଜନପଦମାନଙ୍କର ନାଁ କ୍ରମଶଃ ଲିଭି ଆସିଲାଣି । ଜନପଦର ନାମକରଣ ଓ ସେଠାରେ ପୂଜିତ ବା ପୂଜିତା ବିଗ୍ରହମାନଙ୍କ ସହ ଲୋକ ପ୍ରଚଳିତ କିଂବଦନ୍ତୀ ଓ ଭୌଗୋଳିକ ପରିବେଶକୁ ନେଇ ଗୋଟିଏ ସ୍ଥାନର ଇତିହାସ ଆକଳନ କରାଯାଇଥାଏ । ମାତ୍ର ସେହି ସବୁର ସ୍ମୃତି ଲିଭିଗଲେ ଆଉ ସେଠାର ଇତିହାସ ରହେ ନାହିଁ । ଏଥିପାଇଁ ସରକାର ନୁହେଁ ଲୋକ ସଚେତନତାର ଆବଶ୍ୟକତା ରହିଛି । ମୁଁ ଭିଙ୍ଗାରପୁର ମାଇନର ସ୍କୁଲରେ ପାଠ ପଢ଼ିଲାବେଳେ ଶିଶୁପାଳଗଡ଼ର ପ୍ରତ୍ନତାତ୍ତ୍ୱିକ ଖନନ ଦେଖିବାକୁ ସାଥିମାନଙ୍କ ମେଳରେ ଯାଇଥିଲି । ସେହିଦିନରୁ ଯଦି ଖନନ କାର୍ଯ୍ୟ ଚାଲୁ ରହିଥାନ୍ତା ତେବେ ଓଡ଼ିଶା ଇତିହାସର ବହୁ ଗୋପନ ତଥ୍ୟ ଲୋକଲୋଚନକୁ ଆସି ସାରନ୍ତାଣି । ମାତ୍ର ସମୟ ଗଡ଼ି ଚାଲିଛି । ଉପରଠାଉରିଆ ଖନନ କାଁ ଭାଁ କେତେବେଳେ ସେଠାରେ କରାଯାଉଛି । ଏଣେ ଲୋକମାନଙ୍କର ଜମି କିଣିବାର ଚାହିଦା ବଢ଼ିଯିବାରୁ ସ୍ଥାନୀୟ ଲୋକେ ବହୁ ଦରରେ ଜମିମାନ ସେମାନଙ୍କୁ ବିକ୍ରି କରିଦେଲେ । ଯେଉଁମାନେ କିଣିନେଲେ ସେଠାରେ ଘରମାନ ତିଆରି ହୋଇଗଲା । ପ୍ରତ୍ନତତ୍ତ୍ୱ ଆଇନକୁ ପଚାରେ କିଏ ? ଆଇନଟା ବହିରେ ହିଁ ରହିଗଲା । ଏବେ ସମସ୍ତ ଆଇନ ଉଲଂଘନ କରି ଘରମାନ ତିଆରି ଚାଲିଛି । ତାକୁ ବା ବନ୍ଦ କରିବ କିଏ ? ଭୁବନେଶ୍ୱର ତହସିଲର କେହି ସରକାରୀ ଅଫିସର ଯଦି ସେ ସବୁକୁ ବନ୍ଦ କରିବାକୁ କାଁ ଭାଁ ଯାଉଛନ୍ତି ସ୍ଥାନୀୟ ଜମିମାଲିକମାନଙ୍କ ଠାରୁ ଘାଉଡ଼ା ଖାଇ ଫେରି ଆସୁଛନ୍ତି । ପୁରୀ ଆଡ଼କୁ ଭୁବନେଶ୍ୱର ରାଜପଥରେ ଗଲେ ଦେଖିବାକୁ ମିଳେ ଯେ ଶିଶୁପାଳଗଡ଼ର ଗଡ଼ଖାଇକୁ କିପରି ଭାବରେ ପୋତି ତାହା ଉପରେ ପେଟ୍ରୋଲ ପମ୍ପ ଓ ଘରମାନ ତିଆରି ହୋଇଛି । ସମସ୍ତେ ଜାଣି ନ ଜାଣିଲା ପରି ବ୍ୟବହାର ଦେଖାଉଛନ୍ତି । ତେବେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଜାତୀୟ ଅମୂଲ୍ୟ ଐତିହାସିକ ସମ୍ପତ୍ତି ସବୁ କିଭଳି ନଷ୍ଟ ହୋଇଯାଇଛି ତାହାର ଏହାଏକ ଉଦାହରଣ । ଓଡ଼ିଶାରେ ଏହା ହୋଇପାରୁଛି । ମାତ୍ର ଅନ୍ୟ ଦେଶରେ ଏପରି ହେବାର ସମ୍ଭାବନା ନଥାନ୍ତା ।

କଟକ ଭୁବନେଶ୍ୱର ରାଜପଥର ମଞ୍ଚନାଥ ମନ୍ଦିର ଓ ସଂପୃକ୍ତ ଅଞ୍ଚଳରେ ଦିନେ ବିଶାଳ ଆମ୍ରକାନନର ଶୋଭା ଦେଖିବାକୁ ମିଳୁଥିଲା । ସେଠାରେ ଥିଲା ମୋ ମାମୁଘର । ସେହି ଅନ୍ଧାରୁଆ ଆମ୍ବତୋଟାରେ ଦିନରେ ବି ଯିବାକୁ ଡର ଲାଗୁଥିଲା । ଏବେ ସେ ଆମ୍ବତୋଟା ଆଉ ନାହିଁ । ମଞ୍ଚନାଥ ମହାଦେବଙ୍କ ମନ୍ଦିର ଚାରିପଟେ ଗଢ଼ିଉଠିଛି ସୁଦୃଶ୍ୟ ହର୍ମ୍ୟମାଳା । ଉଚ୍ଚ କ୍ଷମତା ସଂପନ୍ନ ବିଦ୍ୟୁତ ଲାଇନ ତଳେ ବି ଘରମାନ ତିଆରି ଚାଲିଛି । ଯାହାକି ଆଇନତଃ ମନା । ସମସ୍ତେ ଦେଖୁଛନ୍ତି, ରୋକୁଛି କିଏ ? ସେଠାରେ ମଧ୍ୟ ସେହିପରି ବସ୍ତିମାଳ ବିଭିନ୍ନ ନାମକରଣରେ ଆରମ୍ଭ ହୋଇଛି । ମାତ୍ର ମଞ୍ଚନାଥ ଏକ ଐତିହାସିକ ପୀଠ । ବୌଦ୍ଧ ମଞ୍ଜୁନାଥ କ୍ରମଶଃ ମଞ୍ଚନାଥ ନାମକୁ ଅପଭ୍ରଂଶ ହୋଇଛି । ତାହାର ରାଜସ୍ୱ ଗ୍ରାମର ନାମ ହେଉଛି ପାଣ୍ଡରା । ଯାହାକି ବୋଧିସତ୍ତ୍ୱଙ୍କର ମହାଶକ୍ତି ଭାବେ ପରିଚିତା । ସେପରି କଥା ବୁଝୁଛି କିଏ ?

ଓଡ଼ିଆ ପରମ୍ପରାରେ ଫଗୁ ପୂର୍ଣ୍ଣିମା ଓ ଫଗୁ ଦଶମୀ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ଶ୍ରୀମନ୍ଦିରରେ ପାଳିତ ପର୍ବପର୍ବାଣୀ ମଧ୍ୟରୁ ରଥଯାତ୍ରା ଓ ଦେବସ୍ନାନ ପୂର୍ଣ୍ଣିମାକୁ ବାଦ ଦେଲେ ଦୋଳଯାତ୍ରା ଶ୍ରୀମନ୍ଦିରର ଏକ ବିଶିଷ୍ଟ ପର୍ବ । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଯାତ୍ରା ସମ୍ପର୍କରେ ଯେଉଁ ସବୁ ଉଲ୍ଲେଖ ରହିଛି ତାହାରି ମଧ୍ୟରେ ଦୋଳଯାତ୍ରାର ବିଶେଷ ଗୁରୁତ୍ୱ ରହିଅଛି । ଆମ ଉତ୍କଳୀୟ ଧର୍ମ ଧାରାରେ ଓଡ଼ିଆର ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ସ୍ଥାନ ସ୍ୱତନ୍ତ୍ର । ଏହି କଳିଯୁଗରେ ମାନବର ଗତିମୁକ୍ତି ପାଇଁ ଦାରୁବ୍ରହ୍ମ ରୂପରେ ସେ ଶ୍ରୀକ୍ଷେତ୍ରରେ ବିରାଜମାନ କରିଛନ୍ତି । ପୂତ ପବିତ୍ର ନୀଳାଚଳ ଧାମ ଏକ ସର୍ବ ଧର୍ମ ସମନ୍ୱୟ ପୀଠ । ଏଠାରେ କାଳ ପ୍ରବାହରେ ଜୈନ, ବୌଦ୍ଧ, ବୈଷ୍ଣବ ଇତ୍ୟାଦି ଧର୍ମ ଶ୍ରୀଜଗନ୍ନାଥଙ୍କ ମଧ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ମାର୍ଚ୍ଚ ୨୦୨୫ ବୁଧବାର

ଆଭା

ହୋଲିର ରଙ୍ଗ ଖେଳିବା ପୂର୍ବରୁ ହେଲି, ଅଏଲ ସ୍ତରୀୟ ମଇଶ୍ଚରାଇଜରକୁ ସ୍କିନ୍‌ରେ ଲଗାନ୍ତୁ : ହେବ ନାହିଁ କୌଣସି ଆଲର୍ଜି

ରଙ୍ଗର ଉତ୍ସବ ହୋଲି ଖୁସିରେ ଭରା ହୋଇ ଥାଏ । ଏହି ଦିନ ଲୋକେ ପରସ୍ପରକୁ ରଙ୍ଗ ଲଗେଇ ଥାନ୍ତି ଏବଂ ନିଜର ସବୁ ରାଗ ରୁଷା ଅଭିମାନକୁ ଭୁଲି ଯାଇ ଥାନ୍ତି । ହୋଲିର ଅପେକ୍ଷା ପିଲାଙ୍କ ସହ ବଡ଼ମାନେ ମଧ୍ୟ କରିଥାନ୍ତି । ଏମିତି ତ ଅଧିକାଂଶ ଲୋକ ଗୁଲାଲରେ ହିଁ ହୋଲି ଖେଳିବାକୁ ପସନ୍ଦ କରନ୍ତି , କିନ୍ତୁ ଏହି ଦିନ ଗୁଲାଲରେ ମଧ୍ୟ କେମିକାଲର ମିଶ୍ରଣ ହୋଇଥାଏ, ଯେଉଁଥିରେ ସ୍କିନ୍‌କୁ ଖୁବ୍ କ୍ଷତି ହୋଇ ଥାଏ । ହୋଲିର କଠିନ ରଙ୍ଗରେ ନିଜର ସ୍କିନକୁ ରକ୍ଷା କରିବା ପାଇଁ ଆପଣଙ୍କୁ ଏକ ସଠିକ୍ ସ୍କିନ କେୟାରକୁ ଫଲୋ କରିବା ଉଚିତ୍ । ଏଠାରେ କିଛି ଟିପ୍ସ କହୁଛି, ଯାହା ସାହାଯ୍ୟରେ ଆପଣ ନିଜର ସ୍କିନକୁ ଆଲର୍ଜିରୁ ରକ୍ଷା କରି ପାରିବେ । ହୋଲିର ଉତ୍ସବରେ ସାମିଲ ହେବା ପୂର୍ବରୁ, ଆର୍ଦ୍ରତା ବଜାୟ ରଖିବା ଜରୁରୀ । ଆର୍ଦ୍ରତା ବଜୟା ରଖିବା ପାଇଁ ମଇଶ୍ଚରାଇଜର ଏକ ମୋଟା ପରସ୍ତ ଆପଣଙ୍କର ସ୍କିନ୍ ଓ ରଙ୍ଗ ମଧ୍ୟରେ ଏକ ସୁରକ୍ଷାତ୍ମକ ଲେୟାର ପରି କାମ କରିଥାଏ । ରଙ୍ଗ ଖେଳିବା ପୂର୍ବରୁ ହେଲି, ଅଏଲ ସ୍ତରୀୟ ମଇଶ୍ଚରାଇଜରକୁ ବାଛନ୍ତୁ । ଏଥିରେ ଭଲ ହେବ କି, ଆପଣ ନାରିୟଲ ବା ବାଦାମ ତେଲ ଲଗାନ୍ତୁ । ଏହି ରଙ୍ଗକୁ ସ୍କିନକୁ ଯିବାରେ ରୋକନ୍ତୁ , ଯେଉଁଥିରେ ହୋଲିର ରଙ୍ଗକୁ ସ୍ପଷ୍ଟ କରିବା ସହଜ ହୋଇଯାଏ ।

ହୋଲିରେ ପ୍ରଖର ଖରା ସ୍କିନକୁ ଡ୍ୟାମେଜ୍ କରି ପାରେ । ଏମିତିରେ ସନସ୍କ୍ରିନ୍ ଆପଣଙ୍କ ତ୍ୱଚାକୁ ବହୁତ ହାନିକାରକ ୟୁଭି ଡ୍ୟାମେଜ୍‌ରୁ ରକ୍ଷା କରିବା ପାଇଁ ବହୁତ ଜରୁରୀ । ୱାଟର ସ୍ତରୀୟ ସନସ୍କ୍ରିନ୍‌ର ବ୍ୟବହାର କରନ୍ତୁ, ଯାହାକି ହୋଲି ଖେଳିବା ସମୟରେ ଏହା ଶୀଘ୍ର ଧୋଇ ହୋଇ ନଯାଉ । ହୋଲିର ଉତ୍ସବ ପାଳିବା ପାଇଁ ବାହାରକୁ ବାହାରିବାର ୩୦ ମିନିଟ୍ ପୂର୍ବରୁ ସନସ୍କ୍ରିନ୍ ଲଗାନ୍ତୁ । ଏହା ସହ ନିଜର କାନ, ବେକ ଓ ହାତରେ ଲଗାଇବାକୁ ମଧ୍ୟ ଭୁଲନ୍ତୁ ନାହିଁ ।

ମେକଅପ୍ କରି ଆପଣଙ୍କୁ ସୁନ୍ଦର ଲୁକ୍ ତ ମିଳିପାରେ , ହେଲେ ମେକଅପ୍ ରଙ୍ଗ ଓ ଝାଳ ସହ ମିଶି ଲୋମ ଛିଦ୍ରକୁ ବନ୍ଦ କରି ପାରେ ଏବଂ ଏଥିରେ ବ୍ରଣ ସମସ୍ୟା ହୋଇପାରେ । ଏହା ପରିବର୍ତ୍ତେ ଆପଣ ଟିଣ୍ଟେଡ୍ ସନସ୍କ୍ରିନ୍ ଓ ୱାଟରପ୍ରୁଫ୍ ଲିପ୍ ବାମ୍ ଲଗାଇ ପାରିବେ । ଆଖିର ସୁନ୍ଦରତା ବଢାଇବା ପାଇଁ ୱାଟରପ୍ରୁଫ୍ ମସ୍କାରା ଲଗାଇ ପାରିବେ ।

ଏସିଡ଼ିଟି ସମସ୍ୟା ପାଇଁ ପ୍ରତିଦିନ ଖାଆନ୍ତୁ ଗଜା ମୁଗ

ଗଜା ମୁଗ । ଏଥିରେ ଭରପୁର ପ୍ରୋଟିନ ରହିଥାଏ । ଯଦି ଆପଣ ସକାଳ ଖାଦ୍ୟରେ ରାତିସାରା ପାଣିରେ ଭିଜା ମୁଗ ବା ଗଜା ମୁଗକୁ ସାମିଲ କରିବେ, ତାହାଲେ ଆପଣଙ୍କୁ ଭରପୁର ଶକ୍ତି ମିଳିବ ଏବଂ ସୁସ୍ଥ ରହିବେ । ଭିଜା ମୁଗ ଏକ ସମ୍ପୂର୍ଣ୍ଣ ପୁଷ୍ଟିକର ତତ୍ତ୍ୱରେ ଭରପୁର ସୁପରଫୁଡ୍ ଯାହା ଆପଣଙ୍କ ଶରୀରକୁ ପ୍ରଚୁର ଶକ୍ତି, ପୁଷ୍ଟିସାର ପ୍ରଦାନ କରେ । ଭିଜା ମୁଗରେ ଥିବା ଫାଇବର ଆପଣଙ୍କ ପାଚନ ତନ୍ତ୍ରକୁ ଶକ୍ତିଶାଳୀ କରିଥାଏ । ଏହା ଅନ୍ତନଳୀକୁ ସୁସ୍ଥ ରଖେ, କୋଷ୍ଠକାଠିନ୍ୟ ଦୂର କରେ, ପେଟକୁ ହାଲୁକା ଏବଂ ଆରାମଦାୟକ ରଖେ । ଯଦି ଆପଣଙ୍କର ଏସିଡିଟି କିମ୍ବା ପେଟ ଫୁଲିବା ସମସ୍ୟା ଅଛି । ତେବେ ପ୍ରତିଦିନ ସକାଳେ ଭିଜା ମୁଗ ଖାଇବା ଲାଭଦାୟକ ହୋଇପାରେ । ସେହିପରି ଆପଣ ଶାକାହାରୀ ଏବଂ ଆପଣଙ୍କ ଶରୀରକୁ ପ୍ରାକୃତିକ ପ୍ରୋଟିନ୍ ଯୋଗାଇବାକୁ ଚାହୁଁଛନ୍ତି । ତେବେ ଭିଜା ମୁଗ ସବୁଠୁ ଭଲ । ଏହା ମାଂସପେଶୀ ସୁଦୃଢ଼ କରିବା, ଟିସୁ ଏବଂ ଶରୀରର ବୃଦ୍ଧିରେ ସାହାଯ୍ୟ କରେ । ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଭିଜା ମୁଗ ଏକ ଔଷଧ ପରି କାମ କରେ । ଭିଜା ମୁଗ ଏକ କମ କ୍ୟାଲୋରୀ ଏବଂ ଉଚ୍ଚ ଫାଇବରଯୁକ୍ତ ଖାଦ୍ୟ, ଯାହା ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ ନାହିଁ । ସେହିପରି ଭିଜା ମୁଗରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ 'ଇ' ତ୍ୱଚାକୁ ଉଜ୍ଜ୍ୱଳ ରଖେ । ଏହା ସହିତ ଏଥିରେ ଥିବା ପ୍ରୋଟିନ ଏବଂ ଖଣିଜ ପଦାର୍ଥ କେଶକୁ ମଜବୁତ ଏବଂ ଘନ କରିବାରେ ସାହାଯ୍ୟ କରେ । ପ୍ରତିଦିନ ସକାଳେ ଭିଜା କଞ୍ଚା ଚଣା ଖାଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ ହୁଏ । ଯାହା ଶରୀରକୁ ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରାଏ । ଏହା ଆପଣଙ୍କ ଯକୃତକୁ ମଧ୍ୟ ସୁସ୍ଥ ରଖେ । ତେଣୁ ପ୍ରତିଦିନ ସକାଳେ ଭିଜା ମୁଗ ଖାଇବା ଦ୍ୱାରା ଆପଣଙ୍କ ଶରୀର କେବଳ ଫିଟ୍ ଏବଂ ସୁସ୍ଥ ରହିବ ନାହିଁ । ବରଂ ଏହା ଆପଣଙ୍କୁ ସାରା ଦିନ ସକ୍ରିୟ ରଖିବ ।

ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତିର ଲକ୍ଷଣରୁ ହୋଇଯାଆନ୍ତୁ ସାବଧାନ

ରୋଗ ପ୍ରତିରୋଧକ ଶକ୍ତି ଆମ ଶରୀରର ସୁରକ୍ଷା କବଚ ବୋଲି ବିବେଚନା କରାଯାଇଥାଏ । ଯାହା ଶରୀରକୁ ଗମ୍ଭୀର ଏବଂ ବିପଦଜନକ ରୋଗରୁ ରକ୍ଷା କରିଥାଏ । ରୋଗ ପ୍ରତିରୋଧକ ଶକ୍ତି ଯେତେ ଶକ୍ତିଶାଳୀ ହେବ, ରୋଗ ସେତେ ଦୂରରେ ରହିବ । ହେଲେ ଆଜିକାଲି ଆମର ଅନେକ ଅଭ୍ୟାସ ରୋଗ ପ୍ରତିରୋଧକ ଶକ୍ତିର ଶତ୍ରୁ ପାଲଟିଛି, ଯାହା ଏହି ପ୍ରାକୃତିକ ସୁରକ୍ଷା କବଚକୁ ଦୁର୍ବଳ କରୁଛି । କିନ୍ତୁ ଯେତେବେଳେ ଆମର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାକୁ ଲାଗେ, ସେତେବେଳେ ଶରୀର ଏହାର ସଙ୍କେତ ଦେବା ଆରମ୍ଭ କରିଦିଏ । ଏହି ଲକ୍ଷଣଗୁଡ଼ିକୁ ବୁଝିବା ବୁଝାବା ଉଚିତ୍ । ଏଗୁଡ଼ିକୁ ବୁଝି ଏଥିପ୍ରତି ସଚେତନ ରହିବା ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିବା । ଶୀତଦିନେ କିମ୍ବା ଋତୁ ପରିବର୍ତ୍ତନ ହେଲେ ଥଣ୍ଡା ହେବା ସାଧାରଣ କଥା । ଅଧିକାଂଶ ଲୋକ ୭ ରୁ ୧୦ ଦିନ ମଧ୍ୟରେ ଏଥିରୁ ସୁସ୍ଥ ହୋଇଯାଆନ୍ତି । କାରଣ ରୋଗ ପ୍ରତିରୋଧକ ଶକ୍ତିକୁ ଆଣ୍ଟିବଡି ଉତ୍ପାଦନ କରିବାକୁ ଅତି କମରେ ୩ ରୁ ୪ ଦିନ ସମୟ ଲାଗେ । କିନ୍ତୁ ଯଦି ଆପଣଙ୍କୁ ଅଧିକାଂଶ ସମୟ ଥଣ୍ଡା ଲାଗି ରହେ, ତେବେ ଏହା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତିର ଏକ ବଡ଼ ଲକ୍ଷଣ । ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଅନୁଯାୟୀ, ୭୦% ପର୍ଯ୍ୟନ୍ତ ରୋଗ ପ୍ରତିରୋଧକ ଶକ୍ତି ପାଚନ ପ୍ରଣାଳୀ ଉପରେ ନିର୍ଭର କରେ । କାରଣ ଏହିଠାରେ ଲାଭଦାୟକ ବ୍ୟାକ୍ଟେରିଆ ଅନ୍ତନଳୀକୁ ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରନ୍ତି । ଯଦି ଆପଣ ବାରମ୍ବାର ଡାଇରିଆ କିମ୍ବା କୋଷ୍ଠକାଠିନ୍ୟର ଶିକାର ହେଉଛନ୍ତି ତେବେ, ଏହା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତିର ଲକ୍ଷଣ । ଆମେରିକାନ୍ ଏକାଡେମୀ ଅଫ୍ ଆଲର୍ଜି, ଆଜ୍‌ମା ଏବଂ ଇମ୍ୟୁନୋଲୋଜି ଅନୁସାରେ, ଯଦି ଆପଣ ବର୍ଷକୁ ଚାରି ଥରରୁ ଅଧିକ କାନ ସଂକ୍ରମଣ କିମ୍ବା ବର୍ଷକୁ ଦୁଇଥର ନିମୋନିଆରେ ପୀଡିତ ହେଉଛନ୍ତି, ତେବେ ଏଗୁଡ଼ିକ ଦୁର୍ବଳ ରୋଗ ପ୍ରତିରେଧକ ଶକ୍ତିର ଲକ୍ଷଣ ହୋଇପାରେ । ଏହି ଲକ୍ଷଣକୁ ଆଦୌ ଅଣଦେଖା କରିବା ଉଚିତ୍ ନୁହେଁ । ଶରୀରର କୌଣସି ସ୍ଥାନରେ କଟି ଯାଇଥାଏ, ପୋଡ଼ି ଯାଇଥାଏ କିମ୍ବା ସାମାନ୍ୟ ଆଘାତ ହୋଇଥାଏ ତେବେ ସେହି ସ୍ଥାନକୁ ଚର୍ମ ତୁରନ୍ତ ସୁସ୍ଥ କରିବାକୁ ଲାଗିଥାଏ । ଖଣ୍ଡିଆ କିମ୍ବା କ୍ଷତ ସ୍ଥାନକୁ ସୁସ୍ଥ କରି ଉକ୍ତ ସ୍ଥାନରେ ନୂତନ ଚର୍ମ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ଏଥିପାଇଁ ଶରୀର ଉକ୍ତ କ୍ଷତ ସ୍ଥାନକୁ ପୁଷ୍ଟିକର ପଦାର୍ଥରେ ଭରପୂର ରକ୍ତ ପଠାଇବା ଆରମ୍ଭ କରିଥାଏ । ଏହି ପ୍ରକ୍ରିୟା ସୁସ୍ଥ ରୋଗ ପ୍ରତିରୋଧକ ଶକ୍ତି ଥିବା ଶରୀରର କୋଷ ଉପରେ ନିର୍ଭର କରେ । ଅର୍ଥାତ୍ ଯଦି କ୍ଷତ ଶୀଘ୍ର ଶୁଖୁନାହିଁ, ତେବେ ଏହା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତିର ଲକ୍ଷଣ ହୋଇପାରେ । ଯଦି କୌଣସି ବ୍ୟକ୍ତି ଦୀର୍ଘ ସମୟ ଧରି ଚାପରେ ରହୁଛନ୍ତି, ତେବେ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବହୁତ ଦୁର୍ବଳ କରିଥାଏ । ଆମେରିକାନ୍ ସାଇକୋଲୋଜିକାଲ୍ ଆସୋସିଏସନ୍ ଅନୁଯାୟୀ, ଚାପ ଶରୀରରେ ଲିମ୍ଫୋସାଇଟ୍ସ କିମ୍ବା ଶ୍ୱେତ ରକ୍ତ କଣିକା ପରିମାଣକୁ ହ୍ରାସ କରିଥାଏ । ଏହା ସଂକ୍ରମଣ ସହିତ ଲଢ଼ିବାରେ ସାହାଯ୍ୟ କରେ । ଅର୍ଥାତ ଅତ୍ୟଧିକ ଏବଂ ଦୀର୍ଘ ସମୟ ପାଇଁ ମାନସିକ ଚାପ ମଧ୍ୟ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତିର ଏକ ଲକ୍ଷଣ ହୋଇପାରେ ।

ମାନନ୍ତୁ ଚାଣକ୍ୟଙ୍କ ନୀତି :ପିଲାଙ୍କୁ ଦିଅନ୍ତୁ ଏଭଳି ଶିକ୍ଷା



ଚାଣକ୍ୟ ଥିଲେ ଜଣେ ଭାରତୀୟ ଶିକ୍ଷକ, ଦାର୍ଶନିକ ଏବଂ ରାଜଗୁରୁ । ପ୍ରକୃତରେ ସେ ପୂରାତନ ତକ୍ଷଶିଳା ବିଶ୍ୱବିଦ୍ୟାଳୟରେ ଅର୍ଥଶାସ୍ତ୍ର ଓ ରାଜନିତୀ ବିଜ୍ଞାନର ଜଣେ ପ୍ରାଧ୍ୟାପକ ଥିଲେ । ଚାଣକ୍ୟ ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ସାମ୍ରାଜ୍ୟ ଇତିହାସର ପ୍ରଥମ ସାମ୍ରାଜ୍ୟ ଭାବେ ଭାରତବର୍ଷର ଅନେକ ଅଂଶ ଦଖଲ କରିଥିଲା । ସେ ପ୍ରଥମ ମୌର୍ଯ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତ ଏବଂ ତାଙ୍କ ପୁତ୍ର ବିନ୍ଦୁସାରଙ୍କ ମୁଖ୍ୟ ପରାମର୍ଶଦାତା ଥିଲେ । ଆଚାର୍ଯ୍ୟ ଚାଣକ୍ୟଙ୍କ ନୀତିଗୁଡ଼ିକ ବର୍ଷ ବର୍ଷ ଧରି ମନୁଷ୍ୟ ପାଇଁ ଉପଯୋଗୀ ହୋଇଆସିଛି । ତାଙ୍କର ମାର୍ଗଦର୍ଶନ ଏବଂ ନୀତିରେ ହିଁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ସମ୍ରାଟ ହୋଇ ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ଚାଣକ୍ୟଙ୍କ ନୀତିରେ ଜୀବନକୁ ସଫଳ କରିବାର ଉପାୟ ସହ ଭୁଲଠିକ୍‌ର ବିଚାର କରିବାର ଉପାୟ ମଧ୍ୟ ରହିଛି । ଏସବୁ ନୀତିକୁ ମାନି କିଏ ବି ସଫଳତାର ଶୀର୍ଷରେ ପହଞ୍ଚିପାରିବ ।

-ଚାଣକ୍ୟ କୁହନ୍ତି... ଝିଅର ବିବାହ ସର୍ବଦା ସଂସ୍କାରୀ ଏବଂ ନିଜ ସମସ୍କନ୍ଧ ପରିବାରରେ କରିବା ଉଚିତ । କାହିଁକିନା ଯଦି ଆପଣ ନିଜଠାରୁ ଧନୀ ଘରେ ଝିଅର ବିବାହ କରନ୍ତି ତେବେ ଝିଅର ଗୃହସ୍ଥିରେ ଅନେକ ପ୍ରକାରର ଅସୁବିଧା ଆସିପାରେ । ଅନେକ ଥର ପରିବାରରେ ସମାନତା ନ ଥିବା କାରଣରୁ ବିବାହ ଭାଙ୍ଗି ମଧ୍ୟ ଯାଏ । ତେଣୁ ସର୍ବଦା ନିଜ ସମସ୍କନ୍ଧ ପରିବାରରେ ଝିଅର ବିବାହ କରାନ୍ତୁ ।

- ଚାଣକ୍ୟ କୁହନ୍ତି ଯେଉଁ ମା'ବାପା ପିଲାମାନଙ୍କୁ ଭଲ ଶିକ୍ଷା ଦେଇ ନ ଥାନ୍ତି ସେମାନେ ଶତ୍ରୁ ସମାନ ହୋଇଥାନ୍ତି । ସେମାନେ ନିଜ ହାତରେ ପିଲାର ଜୀବନ ବରବାଦ କରିଦିଅନ୍ତି । କାହିଁକିନା ଶିକ୍ଷା ବିହୀନ ମନୁଷ୍ୟ ବିନା ଲାଙ୍ଗୁଡ଼ ବିଶିଷ୍ଟ ପଶୁ ହୋଇଥାନ୍ତି ।

- ଚାଣକ୍ୟ କୁହନ୍ତି ଭଲ ବନ୍ଧୁମାନଙ୍କୁ ନିଜ ସହ ଧର୍ମକର୍ମ କାର୍ଯ୍ୟରେ ଲଗାଇବା ଉଚିତ । ଏଭଳି କରିବାଦ୍ୱାରା ଆପଣଙ୍କ ସହ ଆପଣଙ୍କ ବନ୍ଧୁ ଏବଂ ସମାଜର ଭଲ ହେବ । ଚାଣକ୍ୟ କୁହନ୍ତି ବନ୍ଧୁମାନଙ୍କୁ ସବୁଠାରୁ ଅଧିକ ରହସ୍ୟ ଜଣାଥାଏ, ଏମିତିରେ ଖରାପଗୁଣ ଥିବା ବନ୍ଧୁ କ୍ଷତି ପହଞ୍ଚାଇପାରେ । ତେଣୁ ଭଲ ବନ୍ଧୁ ଏବଂ ବିଶ୍ୱସ୍ତ ବନ୍ଧୁ କରନ୍ତୁ ।

- ଚାଣକ୍ୟ କୁହନ୍ତି ବିଜେତା ହେବା ଲାଗି ଶତ୍ରୁକୁ ସବୁବେଳେ ଦୁଃଖ ଏବଂ କଷ୍ଟରେ ରଖନ୍ତୁ । କାହିଁକି ନା ସେ ଯଦି ଖୁସିରେ ରହିବ ତୁମକୁ ଆଘାତ ଦେବ, ଯଦି ସେ ନିଜର ଦୁଃଖରେ ଚିନ୍ତିତ ରହିବ ତେବେ ଆକ୍ରମଣ କରିପାରିବ ନାହିଁ । ଏଥିସହ ବେଶ ସାବଧାନତାର ସହ ତାଙ୍କ ଗତିବିଧି ଉପରେ ଧ୍ୟାନ ରଖିବା ଉଚିତ ।

ଆଚାର୍ଯ୍ୟ ଚାଣକ୍ୟଙ୍କ ଏହି ନୀତି ଉପରେ ଧ୍ୟାନ ଦିଅନ୍ତି, ତେବେ ନିଶ୍ଚୟ ଆପଣ ସଫଳତାର ଶୀର୍ଷରେ ପହଞ୍ଚିବେ ।

ପ୍ରୋଷ୍ଟେଟ୍ କ୍ୟାନସରରୁ ମୁକ୍ତି ଦେବ କଖାରୁ ମଞ୍ଜି

ସାଧାରଣତଃ ଆପଣ କଖାରୁକୁ ନିଜ ଦୈନନ୍ଦିନ ଜୀବନରେ ଖାଉଥିବେ । ବିଶେଷ କରି ଏହାକୁ ଡାଲମାରେ ବ୍ୟବହାର କରାଯାଇଥାଏ । ଡାଲମାରେ କଖାରୁ ନପଡ଼ିଲେ, ତାହା ଫିକା ଫିକା ଲାଗେ । ଏହି କଖାରୁକୁ ବ୍ୟବହାର କରିବା ବେଳେ ଆପଣ ତାର ମଞ୍ଜିକୁ କାଢି ଫୋପାଡ଼ି ଦେଉଥିବା । ହେଲେ କଣ ଆପଣ ଜାଣିଛନ୍ତି କି, ଏହି କଖାରୁ ମଞ୍ଜି ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ । ତେବେ ଆସନ୍ତୁ ଏହି ରିପୋର୍ଟରେ ଜାଣିବା । କଖାରୁ ମଞ୍ଜି ପ୍ରୋଟିନ୍‌ର ଏକ ଉତ୍କୃଷ୍ଟ ଉତ୍ସ । ଖାସ୍‌କରି ସାକାହାରୀ ଏବଂ ଭେଗାନ୍‌ମାନଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ସାଜିଛି । ଏହି କଖାରୁ ମଞ୍ଜିରେ ମ୍ୟାଗ୍ନେସିୟମ ଭରପୁର ହୋଇ ରହିଛି । ଏଥିରେ ଏପରି ଏକ ଖଣିଜ ପଦାର୍ଥ ରହିଛି ଯାହା ହାଡ଼ ସ୍ୱାସ୍ଥ୍ୟ, ଶକ୍ତି ଉତ୍ପାଦନ ଏବଂ ସ୍ନାୟୁ ପରିଚାଳନା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କଖାରୁ ମଞ୍ଜିରେ ଭିଟାମିନ୍ ଇ, ବିଟା କେରୋଟିନ୍ ଭଳି ଆଣ୍ଟିଅକ୍ସିଡେଣ୍ଟ ରହିଛି । ଯାହା ଶରୀରର କୋଷ ଗୁଡ଼ିକୁ ରକ୍ଷା କରିବାରେ ଏବଂ ପ୍ରଦାହ କମ୍ କରିବାରେ ସହାୟକ ହୋଇଥାଏ । ଏଥିରେ କୁକୁରବିଟାସିନ୍ ନାମକ ଏକ ନାମକ ଏକ ପଦାର୍ଥ ରହିଥାଏ, ଯାହା ପ୍ରୋଷ୍ଟେଟ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହା ସହ ବେନିନ୍ ପ୍ରୋଷ୍ଟେଟିକ୍ ହାଇପରପ୍ଲାସିଆର ଲକ୍ଷଣକୁ ମଧ୍ୟ କମାଇବାରେ ସହାୟକ ହୋଇଥାଏ । କଖାରୁ ମଞ୍ଜି ଟ୍ରିପ୍ଟୋଫାନ୍‌ର ଏକ ପ୍ରାକୃତିକ ଉତ୍ସ । ଏହା ଏପରି ଏକ ଏସିଡ୍ ଯାହା ଆପଣଙ୍କ ଶୋଇବା ପ୍ରଣାଳୀକୁ ନିୟନ୍ତ୍ରଣ କରିବା ସହ ଆରାମ ପ୍ରଦାନ କରିଥାଏ । ଏଥିରେ ଜିଙ୍କ୍ ମଧ୍ୟ ଭରପୁର ହୋଇ ରହିଥାଏ । ଏହା ହାଡ଼କୁ ସୁସ୍ଥ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ପରିଚାଳନା ଏବଂ ଶରୀରର କ୍ଷତକୁ ଶୀଘ୍ର ଉପଶମ ଦେଇଥାଏ । ଏଥିରେ ଉଦ୍ଭିଦ ଷ୍ଟେରୋଲ୍ ଏବଂ ଷ୍ଟାନେଲ୍ ମଧ୍ୟ ରହିଛି । ଯାହା କୋଲେଷ୍ଟ୍ରୋଲ୍ ସ୍ତରକୁ ହ୍ରାସ କରିବାରେ ଏବଂ ସାମଗ୍ରିକ ହୃତପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ କରିବାରେ ସହାୟକ ହୋଇଥାଏ । ଏଥିରେ ନିକୋଟିନ୍ ଏସିଡ୍ ନାମକ ଏକ ପଦାର୍ଥ ରହିଥାଏ । ଯାହା ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରିଥାଏ ଏବଂ ରକ୍ତରେ ଶର୍କରାର ସ୍ତରକୁ କମ୍ କରଥାଏ । କେବଳ ସେତିକି ନୁହେଁ, ଏଥିରେ ପ୍ରଚୁର ପରିମାଣର ଫାଇବରଏବଂ ହେଲ୍‌ଦି ଫ୍ୟାଟ୍ ରହିଥାଏ । ଯାହା ଆପଣଙ୍କ ପାଚନ ଶକ୍ତିକୁ ଉନ୍ନତ କରିବା ସହ କୋଷ୍ଠକାଠିନ୍ୟକୁ ମଧ୍ୟ ଦୂର କରିଥାଏ ।

ଫ୍ୟାଟି ଲିଭରରୁ ସବୁଦିନ ପାଇଁ ମିଳିବ ମୁକ୍ତି : ଖାଆନ୍ତୁନି ଶସ୍ୟ ଜାତୀୟ ଖାଦ୍ୟ

ଲିଭର ଆମ ଶରୀରର ଦ୍ୱିତୀୟ ବୃହତ୍ତମ ଆଭ୍ୟନ୍ତରୀଣ ଅଙ୍ଗ । ଏହା ଖାଦ୍ୟ ଏବଂ ପାନୀୟରୁ ପୁଷ୍ଟିକର ପୋଷକ ତତ୍ତ୍ୱ ପ୍ରକ୍ରିୟାକରଣ କରିଥାଏ । ଏହା ସହ ଆବଶ୍ୟକତା ଅନୁସାରେ ସମସ୍ତ ଅଙ୍ଗକୁ ସେହି ପୋଷକତତ୍ତ୍ୱକୁ ବଣ୍ଟନ କରିଥାଏ । ଯକୃତ ରକ୍ତରୁ କ୍ଷତିକାରକ ପଦାର୍ଥ ବାହାର କରି ରକ୍ତକୁ ସଫା କରେ । ଏହା ଶରୀରର ଛୋଟ ବଡ଼ ପ୍ରାୟ ୫୦୦ ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟ କରିଥାଏ । ଏପରି ପରିସ୍ଥିତିରେ, ଏଥିରେ ସାମାନ୍ୟ ସମସ୍ୟା ସମଗ୍ର ଶରୀର ପାଇଁ ବିପଦଜନକ ହୋଇପାରେ । ଯକୃତର ମୁଖ୍ୟ ସମସ୍ୟା ହେଉଛି ଫ୍ୟାଟି ଲିଭର । ଏଥିରେ, ଯକୃତ ଚାରିପାଖରେ ଅତିରିକ୍ତ ଚର୍ବି ଜମା ହୋଇଯାଏ, ଯାହା ଏହାର କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ ।

ଯକୃତରେ ଅତ୍ୟଧିକ ଚର୍ବି ଜମା ହେବା ଦ୍ୱାରା ଇଂଫେକ୍ସନ୍ ବଢିପାରେ । ଯାହା ଅଲସର ସୃଷ୍ଟି କରିପାରେ ଏବଂ ଯକୃତକୁ ଅକର୍ମଣ୍ୟ ମଧ୍ୟ ହୋଇପାରେ । ଆଜିକାଲି ଫ୍ୟାଟି ଲିଭର ଏକ ସାଧାରଣ ରୋଗ ହେବାରେ ଲାଗିଛି । ଯଦି ଆପଣ ଏହି ସମସ୍ୟାକୁ ମୂଳପୋଛ କରିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଗୋଟିଏ ଜିନିଷରୁ ଦୂରରେ ରହିବା ଉଚିତ । ଆସନ୍ତୁ ସେ ବିଷୟରେ ଜାଣିବା... କିଛି ସମୟ ପୂର୍ବରୁ କେବଳ ମଦ୍ୟପାନ

କରିବା ଦ୍ୱାରା ଫ୍ୟାଟି ଲିଭର ସମସ୍ୟା ହୁଏ ବୋଲି ବିଶ୍ୱାସ କରାଯାଉଥିଲା । କିନ୍ତୁ ଏବେ ଜଙ୍କ୍ ଫୁଡ୍ ମଧ୍ୟ ଏଥିପାଇଁ ଦାୟୀ । ଏହା ବ୍ୟତୀତ ଘଣ୍ଟା ଘଣ୍ଟା ମୋବାଇଲ୍ ପାଖରେ ବସି ରହିବା, ଏକ୍ସରସାଇଜ୍ ନକରିବା ଏବଂ ବିଳମ୍ବରେ ଖାଇବା ଅଭ୍ୟାସ ମଧ୍ୟ ଏହି ରୋଗକୁ ବଢାଉଛି । ସାଧାରଣତଃ ଫ୍ୟାଟି ଲିଭର ଦୁଇ ପ୍ରକାରର । ଆଲକୋହୋଲିକ୍ ଫ୍ୟାଟି ଲିଭର ଏବଂ ନନ-ଆଲକୋହୋଲିକ୍ ଫ୍ୟାଟି ଲିଭର । ମଦ୍ୟପାନ କରୁନଥିବା ଲୋକଙ୍କଠାରେ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ଦେଖାଯାଏ । ଏବଂ ମଦ୍ୟପାନ କର

31 YEARS
ସମୟ କଳିକା
ଭୁବନେଶ୍ୱର, ୧୨ ମାର୍ଚ୍ଚ, ବୁଧବାର, ୨୦୨୫

୧୫ ମାସ ପରେ ଡବ୍ଲ୍ୟୁଏଫଆଇ ଉପରୁ ହଟିଲା ବାସନ୍ଦ

ନୂଆଦିଲ୍ଲୀ

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫଆଇ) ଉପରୁ କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ବାସନ୍ଦାଦେଶ ହଟାଇ ଦେଇଛି । ଏଥିଯୋଗୁ ଦେଶରେ କୁସ୍ତିକୁ ନେଇ ଗତ ୧୫ ମାସ ହେଲା ଦେଖାଦେଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି । ଫଳରେ ଅମ୍ମାନଠାରେ ହେବାକୁ ଥିବା ଆଗାମୀ ଏସିଆନ ଚାମ୍ପିୟନସିପ ଲାଗି ସିଲେକ୍ସନ ଟ୍ରାଏଲ୍ସ ଆୟୋଜନ ହେବାର ବାଟ ଫିଟିଛି ।

ତ୍ରୁଟି ଲାଗି ଡବ୍ଲ୍ୟୁଏଫଆଇର ନବ ନିର୍ବାଚିତ କାର୍ଯ୍ୟକାରୀ ପରିଷଦକୁ ୨୦୨୩ ଡିସେମ୍ବର ୨୭ତାରିଖରେ ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ

କରାଯାଇଥିଲା । ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି, ଡବ୍ଲ୍ୟୁଏଫଆଇ ତା'ର ତ୍ରୁଟି ସୁଧାରିବା ପାଇଁ ଦୃଷ୍ଟିମୂଳକ ପଦକ୍ଷେପ ନେଇଛି । ଏଣୁ କ୍ରୀଡ଼ା ଓ ଆଥ୍‌ଲେଟ୍‌ଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ବାସନ୍ଦାଦେଶ ଉଠାଇବାକୁ ନିଷ୍ପତ୍ତି ନେଇଛି ।

ଏଭଳି ନିଷ୍ପତ୍ତି ନେବା ଲାଗି ସରକାରଙ୍କୁ ଧନ୍ୟବାଦ ଦେଉଛି । ଏହା ଆମକୁ ଉଚିତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବ । ଦେଶରେ କୁସ୍ତିର ମଙ୍ଗଳ ପାଇଁ ଏହାର ଆବଶ୍ୟକତା ଥିଲା । ଆଥ୍‌ଲେଟ୍‌ଙ୍କୁ ଆବଶ୍ୟକ ପରିମାଣରେ ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ମିଳୁ ନ ଥିଲା । ଆମେ ଏକ ନୂଆ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରି ସାରିଛୁ । ଖୁବ୍ ଶୀଘ୍ର ଆମେ କାର୍ଯ୍ୟକାରୀ ପରିଷଦ ବୈଠକ ଡକାଇବୁ ଏବଂ ସିଲେକ୍ସନ ଟ୍ରାଏଲ୍ସ ଲାଗି ସର୍କ୍ୟୁଲାର ଜାରି କରିବୁ । ସରକାରଙ୍କ ନିର୍ଦ୍ଦେଶ ପାଳନ କରିବାରେ ଆମର କୌଣସି ଅସୁବିଧା ନାହିଁ ବୋଲି ଡବ୍ଲ୍ୟୁଏଫଆଇ ସଭାପତି ସଞ୍ଜୟ ସିଂ କହିଛନ୍ତି ।

ଆଇପିଏଲ ୨୦୨୫ ପାଇଁ ନୂଆ ଜର୍ସି ଲଞ୍ଚ କଲା ଆରସିବି

ନୂଆଦିଲ୍ଲୀ

ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସଂସ୍କରଣ ୨୨ ମାର୍ଚ୍ଚରୁ ଆରମ୍ଭ ହେବାକୁ ଯାଉଛି । ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି । ଏବେ ଧୀରେ ଧୀରେ ଚାମ୍ପିୟନ୍ସ ଟ୍ରଫି ଖେଳୁଥିବା ଖେଳାଳିମାନେ ମଧ୍ୟ ନିଜ ନିଜ ଦଳରେ ଯୋଗଦେବା ଆରମ୍ଭ କଲେଣି । ବିରାଟ କୋହଲି ମଧ୍ୟ କିଛି ଦିନ ମଧ୍ୟରେ ଆରସିବି ଶିବିରରେ ଯୋଗଦେବେ । ଅଧିନାୟକ ରଜତ ପାଟିଦାରଙ୍କ ସମେତ ଅଧିକାଂଶ ଖେଳାଳି ଆରସିବି ଶିବିରରେ ଯୋଗ ଦେଇଛନ୍ତି । ଏହି ସମୟରେ, ଫ୍ରାଞ୍ଚାଇଜ ତା'ର ନୂତନ ଜର୍ସି



ଉନ୍ମୋଚନ କରିଛି । ଆରସିବି ପ୍ରଶଂସକମାନେ ଏହି ନୂତନ ଜର୍ସିକୁ ପସନ୍ଦ କରୁଛନ୍ତି ।

ତେନ୍ଦୁଲକରଙ୍କ ଝିଅ ନୁହନ୍ତି, ଅଭିନେତ୍ରୀ ଅବନୀତ କୌରଙ୍କୁ ଡେଟ୍ କରୁଛନ୍ତି ଶୁବମନ ଗିଲ୍

ମୁମ୍ବାଇ

ଭାରତୀୟ କ୍ରିକେଟର ଶୁବମନ ଗିଲ୍ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକରଙ୍କୁ ଡେଟ୍ କରୁଥିଲେ ବୋଲି ଖୁବ୍ ଚର୍ଚ୍ଚା ହେଉଥିଲା । ମାତ୍ର ଏବେ ସାରା ନୁହନ୍ତି, ଏହି ଅଭିନେତ୍ରୀଙ୍କୁ ଡେଟ୍ କରୁଛନ୍ତି ଶୁବମନ । ଉଭୟଙ୍କ ଫଟୋ ମଧ୍ୟ ଭାଇରାଲ ହେବାରେ ଲାଗିଛି । ଏହି ଅଭିନେତ୍ରୀ ଜଣକ ହେଲେ ସୁନ୍ଦରୀ ଅବନୀତ କୌର । ସେ ନିକଟରେ ଭାରତର ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମରେ ପହଞ୍ଚିଥିଲେ । ଅଭିନେତ୍ରୀ ଜଣକ ଇନ୍‌ଷ୍ଟାଗ୍ରାମରେ ଷ୍ଟାଡିୟମର ଅନେକ ଫଟୋ ଶେୟାର କରିଛନ୍ତି । ଯେଉଁଥିରେ ସେ ଏକ ଗ୍ଲାମରସ ଲୁକ୍‌ରେ ନଜର ଆସିଥିଲେ ।

ଅବନୀତଙ୍କ ଏହି ଫଟୋଗୁଡ଼ିକ ସାମ୍ନାକୁ ଆସିବା ପରେ, ୟୁଜର୍ସମାନେ ତାଙ୍କ ନାମକୁ କ୍ରିକେଟର ଶୁବମନ ଗିଲଙ୍କ ସହିତ ଯୋଡ଼ିବା ଆରମ୍ଭ କରିଦେଇଛନ୍ତି । ସମସ୍ତେ ଭାବୁଛନ୍ତି ଯେ, ସେ କେବଳ ଶୁବମନଙ୍କୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମରେ ପହଞ୍ଚିଥିଲେ । ପ୍ରକୃତରେ ଏହା ପୂର୍ବରୁ ଅବନୀତଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଯେଉଁଥିରେ ସେ ତାଙ୍କ ବନ୍ଧୁମାନଙ୍କ ବ୍ୟତୀତ ଶୁବମନଙ୍କ ସହିତ ପୋଜ୍ ଦେଉଥିବାର ଦେଖାଯାଇଥିଲା । ଏହା ଦେଖି ୟୁଜର୍ସମାନେ ଦୁହେଁ ଡେଟିଂ କରୁଥିବା ବିଷୟରେ ଗୁଜବ ପ୍ରଚାର କରିଥିଲେ ।

ରବିବାର ଯେତେବେଳେ ଭାରତ ଟ୍ରଫି ଜିତିଥିଲା, ଅବନୀତ ମଧ୍ୟ ଏକ ଭିଡିଓ ସେୟାର କରିଥିଲେ । ଯେଉଁଥିରେ ସେ ମ୍ୟାଚ୍ ଜିତିବାର ଖୁସିରେ ନାଚିଥିବାର ଦେଖିବାକୁ ମିଳିଥିଲା ।ତଥାପି ଏପର୍ଯ୍ୟନ୍ତ ଶୁବମନ ଏବଂ ଅବନୀତ ଏହି ଡେଟିଂ ଗୁଜବ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ଅବନୀତ ଜଣେ ଲୋକପ୍ରିୟ ଟିଭି ଅଭିନେତ୍ରୀ । କାମ ବ୍ୟତୀତ, ଅବନୀତ ସୋସିଆଲ ମିଡିଆରେ ମଧ୍ୟ ବହୁତ ଲୋକପ୍ରିୟ । ଇନ୍‌ଷ୍ଟାଗ୍ରାମରେ ତାଙ୍କର ୩୧ ମିଲିୟନରୁ ଅଧିକ ଫଲୋଅର୍ସ ଅଛନ୍ତି । ଯେଉଁଠାରେ ଅଭିନେତ୍ରୀ ଜଣକ ପ୍ରତିଦିନ ତାଙ୍କର ଚମତ୍କାର ଫଟୋ ସହିତ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିନ୍ତି ।

ମଧ୍ୟପ୍ରଦେଶର ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ୨୪ତମ ସର୍ବଭାରତୀୟ ପୁଲିସ ଜଳକ୍ରୀଡ଼ା ଚାମ୍ପିଅନସିପ୍-୨୦୨୪-୨୫ରେ ଓଡ଼ିଶା ପୁଲିସକୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ ପଦକ, ୧ଟି ରୌପ୍ୟ ପଦକ ଏବଂ ୪ଟି କାଂସ୍ୟ ପଦକ ବିଜେତାଙ୍କୁ ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଜଣାଇବା ଅବସରରେ ।

ଚାମ୍ପିୟନ୍ସ ଟ୍ରଫି ପରେ ଆଇସିସି ର୍ୟାଙ୍କିଙ୍ଗରେ ଶୀର୍ଷରେ ଭାରତ

ନୂଆଦିଲ୍ଲୀ

୨୦୨୫ ଚାମ୍ପିୟନ୍ସ ଟ୍ରଫି ପରେ ଆନ୍ତର୍ଜାତୀୟ କ୍ରିକେଟ ପରିଷଦ ନୂତନ ର୍ୟାଙ୍କିଙ୍ଗ ପ୍ରକାଶ କରିଛି । ଫାଇନାଲ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡକୁ ୪ ଉଇକେଟ୍‌ରେ ପରାସ୍ତ କରି ଇତିହାସ ରଚିଛି । ଅଧିନାୟକ ରୋହିତ ଶର୍ମା ଫାଇନାଲରେ ୭୬ ରନର ଇନିଂସ ଖେଳିଥିଲେ, କିନ୍ତୁ ତାଙ୍କୁ ବ୍ୟାଟିଂ ର୍ୟାଙ୍କିଙ୍ଗରେ କ୍ଷତି ସହିବାକୁ ପଡ଼ିଛି । ଅନ୍ୟପକ୍ଷରେ ବିରାଟ କୋହଲି ସମଗ୍ର ଟୁର୍ଣ୍ଣାମେଣ୍ଟରେ ୨୧୮ ରନ କରିଥିଲେ, ଯାହା ତାଙ୍କୁ ଲାଭ ଦେଇଛି । ଚାମ୍ପିୟନ୍ସ ଟ୍ରଫି ପରେ ବ୍ୟାଟିଂ ରାଙ୍କିଂ ବ୍ୟତୀତ ଦଳର ର୍ୟାଙ୍କିଂ ଏବଂ ବୋଲିଂ ର୍ୟାଙ୍କିଂରେ ମଧ୍ୟ ପରିବର୍ତ୍ତନ ଆସିଛି ।

୨୦୨୫ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ମଧ୍ୟ ଭାରତୀୟ ଦଳ ଦିନିକିଆ ର୍ୟାଙ୍କିଙ୍ଗର ଶୀର୍ଷରେ ଥିଲା । ଏବେ ବି ମାତ୍ର ୧୨୨ ପଏଣ୍ଟ ଅଛି ଏବଂ ଟିମ୍ ଇଣ୍ଡିଆ ତା'ର ପ୍ରଥମ ସ୍ଥାନ ବଜାୟ ରଖିଛି । ଅଷ୍ଟ୍ରେଲିଆ ୧୧୦ ପଏଣ୍ଟ ସହିତ ଦିନିକିଆ ଦଳଗତ ର୍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନରେ ଅଛି, ଭାରତ ସେମାନଙ୍କଠାରୁ ବହୁତ ଆଗରେ ଅଛି । ପାକିସ୍ତାନ ଏବେ ବି ୧୦୬ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛି । ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଅଛନ୍ତି ।

ବିରାଟ କୋହଲିଙ୍କୁ ଓଡିଆଇ ବ୍ୟାଟିଂ ର୍ୟାଙ୍କିଙ୍ଗରେ ଲାଭ ମିଳିଛି । ସେ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ମୋଟ ୨୧୮ ରନ କରିଥିଲେ, ଯାହା ସହିତ ସେ ଏବେ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି । ରୋହିତ ଶର୍ମା ଦୁଇଟି ସ୍ଥାନ ଖସି ଏବେ ୫ମ ସ୍ଥାନରେ ଅଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ରୋହିତ ମାତ୍ର ୧୮୦ ରନ କରିପାରିଥିଲେ । ଭଲ କଥା ହେଉଛି ଶୁବମନ ଗିଲ୍ ଏବେ ବି ଓଡିଆଇରେ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ ଅଛନ୍ତି । ଶ୍ରେୟସ ଆୟର ମଧ୍ୟ ଗୋଟିଏ ସ୍ଥାନ ବୃଦ୍ଧି ପାଇ ଏବେ ୮ମ ସ୍ଥାନରେ ଅଛନ୍ତି ।

ଭଲିବଲ : ଭୁବନେଶ୍ୱରକୁ ହରାଇ ରାଇଜିଂ କ୍ଲବ ଚାମ୍ପିଅନ

ରାଉରକେଲା

ରାଉରକେଲା ସେକ୍ଟର-୨୦ସ୍ଥିତ ରାଇଜିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଓ ରାଇଜିଂ କ୍ଲବ ମଧ୍ୟରେ ଖେଳାଯାଇଥିଲା ।

୩ଟି ସେଟ୍ ବିଶିଷ୍ଟ ଏହି ମ୍ୟାଚ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବା ସହ ସିଧାସଳଖ ପ୍ରଥମ ଓ ଦ୍ୱିତୀୟ ସେଟ୍‌ରେ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱରକୁ ୨-୦ ଗୋଲରେ ହରାଇ ରାଇଜିଂ କ୍ଲବ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଥିଲା । ଫାଇନାଲ ମ୍ୟାଚ୍‌ରେ ପୂର୍ବତନ ବିଧାୟକ ସୁବ୍ରତ ତରାଇ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏଥିସହ ପ୍ରତିଯୋଗିତାର ତୃତୀୟ ସ୍ଥାନରେ ଥିବା ଭଦ୍ରକ ଦଳ ଓ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ରାଉରକେଲା ଓପନ ଭଲିବଲ ପ୍ରତିଯୋଗିତାରେ କୁଡ଼ା ଦଳକୁ ଚମ୍ପିଅନ ଓ ପ୍ରଶାନ୍ତ ସିଂ ମେମୋରିଆଲ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଚମ୍ପିଅନ ଦଳ ଗ୍ରାସ୍‌ରୁଟ ରାଇଜିଂ କ୍ଲବକୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ରାଇଜିଂ କ୍ଲବର ସାଙ୍ଗଠନିକ ସମ୍ପାଦକ ଶିଶିର ସାହୁ ଏହାକୁ ପରିଚାଳନା କରିଥିଲେ । ଦେବୀ ପ୍ରସାଦ ମିଶ୍ର, ଅମର ଦାସ, ମାନସ ନାୟକ, ବିରେନ ପ୍ରଧାନ, ସୁଶାନ୍ତ ସାହୁ, ସୌଭାଗ୍ୟ ମିଶ୍ର, ରାକେଶ ସ୍ୱାଇଁ, ଜୟନ୍ତ ମହାରଣା, ଟୁଟୁ ସ୍ୱାଇଁ, ପପୁ ସାମନ୍ତରାଏ ପ୍ରମୁଖ ସହଯୋଗ କରିଥିଲେ ।

ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରି ୧୯୫ କୋଟି କ୍ଷତି ସହିଲା ପାକିସ୍ତାନ

ନୂଆଦିଲ୍ଲୀ

ରବିବାର ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ମ୍ୟାଚ୍ ନ୍ୟୁଜିଲାଣ୍ଡ ଏବଂ ଭାରତ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡକୁ ୪ ଉଇକେଟ୍‌ରେ ପରାସ୍ତ କରି ଟ୍ରଫି ହାତେଇଛି । ଭାରତର ଏହି ବିଜୟ ପାକିସ୍ତାନକୁ ଗଭୀର ଆଘାତ ଦେଇଛି । ଏହି କାର୍ଯ୍ୟକ୍ରମ ପାଇଁ ପାକିସ୍ତାନ ପାଣି ପରି ଟଙ୍କା ଖର୍ଚ୍ଚ କରିଥିଲା । ୨୯ ବର୍ଷ ପରେ, ପାକିସ୍ତାନରେ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା, କିନ୍ତୁ ଭାରତ ସେଠାରେ ଖେଳିବାକୁ ମନା କରିଦେଇଥିଲା । ଏହା ପରେ ସମସ୍ତ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହୋଇଥିଲା ଏବଂ ଏହା ପାକିସ୍ତାନକୁ ବହୁତ ଆର୍ଥିକ କ୍ଷତି ପହଞ୍ଚାଇଛି ।

ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭରେ ମଧ୍ୟ ଭାରତ ପାକିସ୍ତାନରେ ଖେଳିବାକୁ ମନା କରିଦେଇଥିଲା । ପ୍ରକୃତରେ ଭାରତୀୟ ଦଳର ପ୍ରଶଂସକମାନେ ସାରା ବିଶ୍ୱରେ ବିସ୍ତାରିତ, ତେଣୁ ଯେତେବେଳେ ପ୍ରଶଂସକମାନେ ମ୍ୟାଚ୍ ସମୟରେ ଷ୍ଟାଡିୟମରେ ପହଞ୍ଚନ୍ତି, ସେତେବେଳେ ଭଲ ପରିମାଣର ରାଜସ୍ୱ ମିଳିଥାଏ । ରାଜସ୍ୱ ଯୋଗୁ ସେହି ଦେଶର ଅର୍ଥନୀତି ମଧ୍ୟ ବୃଦ୍ଧି ପାଏ । ପାକିସ୍ତାନ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲା, କିନ୍ତୁ ଭାରତର ମନା ଯୋଗୁ ପାକିସ୍ତାନର ଅବସ୍ଥା ଖରାପ ହୋଇଯାଇଛି । ବାକି ପରିସ୍ଥିତିକୁ ପାକିସ୍ତାନ ନିଜେ ଖରାପ କରିଦେଇ ଥିଲା । ଲିଗ୍ ମ୍ୟାଚ୍ ଗୁଡ଼ିକରେ ପରାସ୍ତ ହେବା ପରେ ପାକିସ୍ତାନୀ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିଲା । ଏପରି ପରିସ୍ଥିତିରେ, ଦର୍ଶକ କମ୍ ଆସିଲେ ଏବଂ ସମସ୍ତ ଟିକେଟ ବିକ୍ରି ହୋଇ ପାରିଲା ନାହିଁ, ଯାହା ଫଳରେ ପାକିସ୍ତାନକୁ କ୍ଷତି ସହିବାକୁ ପଡ଼ିଲା ।

ପ୍ରକୃତରେ ପାକିସ୍ତାନରେ ଆତଙ୍କର ଛାୟା ରହିଛି । ଏହି କାରଣରୁ ଭାରତ ସେଠାରେ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା । ଶେଷ ଆଇସିସି ଟୁର୍ଣ୍ଣାମେଣ୍ଟ ୧୯୯୬ ମସିହାରେ ଆୟୋଜିତ ହୋଇଥିଲା । ସେବେଠାରୁ ଏପର୍ଯ୍ୟନ୍ତ, ଏହା ବିଶ୍ୱ ସ୍ତରରେ ପାକିସ୍ତାନର ଆୟୋଜନ ଥିଲା । ଏଥିପାଇଁ ରାଓ୍ୱଲପିଣ୍ଡି, କରାଚୀ ଏବଂ ଲାହୋରର ଷ୍ଟାଡିୟମଗୁଡ଼ିକୁ ଉନ୍ନତ କରାଯାଇଥିଲା । ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି ଥିଲା । ଏଥିପାଇଁ ପାକିସ୍ତାନ ପ୍ରାୟ ୬୪ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୫୫୮ କୋଟି ଟଙ୍କା ଖର୍ଚ୍ଚ କରିଥିଲା ।

ପାକିସ୍ତାନକୁ ଆଇସିସିରୁ ହୋଷ୍ଟିଂ ଫିସ୍ ଭାବରେ ୫୨ କୋଟି ଟଙ୍କା ଅର୍ଥାତ୍ ୬୦ ଲକ୍ଷ ଡଲାର ମିଳିବ । କାରଣ ପାକିସ୍ତାନ ଟିକେଟ ବିକ୍ରୟରୁ ବହୁତ ରୋଜଗାର କରିନାହିଁ ।

ବିଦେଶୀ ଦର୍ଶକ ମଧ୍ୟ କମ୍ ସଂଖ୍ୟାରେ ପାକିସ୍ତାନ ଆସିଥିଲେ ଏବଂ ଏହି କାରଣରୁ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଖର୍ଚ୍ଚ କରିଥିବା ଟଙ୍କା ତୁଳନାରେ ଅଧିକ ରୋଜଗାର କରିପାରି ନଥିଲା । ଏହି କାରଣରୁ ପାକିସ୍ତାନ ପ୍ରାୟ ୧୯୫ କୋଟି ଟଙ୍କାର କ୍ଷତି ସହିଛି ।

କଟକର ୩୦ ସ୍ଥାନରେ ହେବ ଦୋଳ ମେଳଣ

କଟକ, ନ୍ୟୁଜ୍‌ବ୍ୟୁରୋ

ଭାଇଚାରାର ସହର କଟକରେ ଆରମ୍ଭ ହୋଇଯାଇଛି ଦୋଳଯାତ୍ରା । ଦୋଳ ଦଶମୀରୁ ଆରମ୍ଭ ହୋଇ ଏହା ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ । ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବସାଇ ଗାଁ ପରିକ୍ରମା କରାଯାଉଛି । ଏହି ସମୟରେ ଠାକୁର ଲୋକଙ୍କ ଘର ଆଗରେ ଭୋଗ ଖାଇଥାଆନ୍ତି । ଏହି ଅବସରରେ ବିଭିନ୍ନ ସ୍ଥାନରେ ମେଳଣ ଅନୁଷ୍ଠିତ ହୋଇଥାଏ । ଚଳିତ ଥର କଟକର ୩୦ ସ୍ଥାନରେ ମେଳଣ ଅନୁଷ୍ଠିତ ହେବ ବୋଲି ବାସ୍ତରି(୭୨) ସଂକୀର୍ତ୍ତନ ମଣ୍ଡଳୀର କାର୍ଯ୍ୟକାରୀ ସଭାପତି ସୁରେଶ କୁମାର ସାହୁ କରିଛନ୍ତି । ସବୁ ମେଳଣ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ କମିଶନରେଟ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯିବ । ଦୋଳ କାର୍ଯ୍ୟକ୍ରମ ପାଇଁ ଅନୁମତି ପ୍ରଦାନ ପ୍ରକ୍ରିୟାକୁ ସରଳୀକୃତ କରିବା ଲାଗି ଦୋଳମେଳଣ ସଂଯୋଜକ ଦେବେନ୍ଦ୍ର ସାହୁ ପୁଲିସ ପ୍ରଶାସନକୁ ନିବେଦନ କରିଛନ୍ତି । ଦୋଳଯାତ୍ରା ସମୟରେ ଗ୍ରାମର ମୁରବି, ଯୁବକ ସଂଘ ସମସ୍ତେ ସାମିଲ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ହରିନାମ ସହିତ ବିମାନକୁ କାନ୍ଧରେ ଧରି ସାହି ପରିକ୍ରମା କରିଥାନ୍ତି । ଦୋଳ ଦଶମୀରୁ ଗର୍ଭଗୃହର ସିଂହାସନରୁ ରାଧାକୃଷ୍ଣ ବାହାରି ବିମାନରେ ଅଧିଷ୍ଠିତ ହୋଇ ଗ୍ରାମ ପରିକ୍ରମା କରନ୍ତି ଓ ପୂର୍ଣ୍ଣିମା ଦିନ ତାଙ୍କ ସମ୍ମୁଖରେ ନୂତନ ପଞ୍ଜିକା ପାଠ ପରେ ପୁନଃ ଠାକୁର ମନ୍ଦିରରେ ପ୍ରବେଶ କରିଥାଆନ୍ତି ।

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ସମିତିର କାର୍ଯ୍ୟାଳୟ, ୟୁନିଟ୍-୧ରେ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତି ସଂଘ ତରଫରୁ ଦୁଇଟି ପଙ୍ଖା, କଟକ ସଦର ଉତ୍ତମପୁରରେ ଥିବା ଶ୍ରୀ ସଂଜିବନୀ ଚାରିଟେବୁଲ ଫାଉଣ୍ଡେସନକୁ ପ୍ରଦାନ କରାଯାଇଥିବା ପ୍ରକାଶ କରିଥିଷଲ । ବିଶିଷ୍ଟ ମହିଳା ସମାଜସେବୀ ଡଃ ସେବା ପଟ୍ଟନାୟକ, ଋତୁପୂର୍ଣ୍ଣା ମହାନ୍ତି ଓ ପ୍ରତିଛନ୍ଦା ଧଳ ଅତିଥି ଭାବେ ଯୋଗଦାନ କରି ମହିଳାମାନଙ୍କର ଅଧିକାର, ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପାଇଁ ସମାଜରେ ସଚେତନତା ଉପରେ ଆଲୋକପାତ କରିଥିଲେ । ସମିତିର ଦିବଂଗତ

ସଭ୍ୟମାନଙ୍କ ସହଧର୍ମିଣୀ ପ୍ରତିମା ବୋଷ, ଶରତ କୁମାରୀ ମିଶ୍ର, ଶକୁନ୍ତଳା ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା ଦାସ ଓ ବିଦ୍ୟୁଲତା ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ମାସରେ ଜନ୍ମ ଓ ବିବାହ ବାର୍ଷିକ ପତୁଥିବା ସଭ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସଭ୍ୟ ଶୁଖେନ୍ଦୁ ଦାସ ସ୍ୱରଚିତ କବିତା ମହିଳାଦିବସ ଉପଲକ୍ଷେ ପାଠ କରିଥିଲେ । ସଭ୍ୟ ବିଷ୍ଣୁ ପ୍ରସାଦ ମିଶ୍ର ଦୁର୍ଗା ଶ୍ଳୋକ ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉପସଭାପତି ସୁରେନ୍ଦ୍ର କୁମାର ସାହୁ ଓ ଦେବେନ୍ଦ୍ରନାଥ ଶତପଥି, କୋଷାଧ୍ୟକ୍ଷ ରାଧାନାଥ ମହାପ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ମାର୍ଚ୍ଚ ୨୦୨୫ ବୁଧବାର

ହୋଲି ପାଇଁ ପୂର୍ବତଟ ରେଳପଥରୁ ୩ ଯୋଡା ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଟ୍ରେନ ରୁଟରେ ଚାଲୁଥିବା ନିୟମିତ ଟ୍ରେନରେ ଯାତ୍ରୀମାନଙ୍କ ଅତିରିକ୍ତ ଯାତ୍ରୀ ଭିଡକୁ ଦୂର କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ତିନି ଯୋଡି ହୋଲି ସ୍ପେସିଆଲ୍ ଟ୍ରେନ୍ ଚେରଲାପାଲ୍ଲୀ (ହାଇଦ୍ରାବାଦ), କୋଲକାତା ଏବଂ ବେଙ୍ଗାଲୁରୁକୁ ଚଳାଚଳ କରାଇବା ପାଇଁ ଯୋଜନା କରାଯାଇଛି । ଏହାସହ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ପୂର୍ବରୁ ଚଳାଚଳ କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଛି ।

୦୮୪୭୯/୦୮୪୮୦ ଭୁବନେଶ୍ୱର-ଚେରଲାପାଲ୍ଲି (ହାଇଦ୍ରାବାଦ)-ଭୁବନେଶ୍ୱର ହୋଲି ସ୍ପେଶାଲ୍ ୧୦ ମାର୍ଚ୍ଚରୁ ୨୪ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ସୋମବାର ଦିନ ମଧ୍ୟାହ୍ନ ୧୨ଘ.୧୦ମି.ରେ ଭୁବନେଶ୍ୱରରୁ ଛାଡିବ । ଫେରିବା ମାର୍ଗରେ, ଚେରଲାପାଲି-ଭୁବନେଶ୍ୱର ହୋଲି ସ୍ପେଶାଲ୍ ୧୧ ମାର୍ଚ୍ଚରୁ ୨୫ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ମଙ୍ଗଳବାର ଦିନ ପୂର୍ବାହ୍ନ ୦୯ଘ.୫୦ମି.ରେ ଚେରଲାପାଲିରୁ ଛାଡି ଭୁବନେଶ୍ୱର ଯାତ୍ରା କରିବ । ୦୩୧୦୧/୦୩୧୦୨ କୋଲକାତା-ପୁରୀ-କୋଲକାତା ହୋଲି ସ୍ପେଶାଲ୍ ୧୩, ୧୮ ଏବଂ ୨୦ ମାର୍ଚ୍ଚ ୨୦୨୫ ଦିନ ରାତ୍ର ୧୧ଘ.୫୦ମି.ରେ କୋଲକାତାରୁ ଛାଡିବ । ଫେରିବା ଦିଗରେ, ପୁରୀରୁ ୦୩୧୦୨ ପୁରୀ-କୋଲକାତା ହୋଲି ସ୍ପେଶାଲ୍ ୧୪, ୧୯ ଏବଂ ୨୧ ମାର୍ଚ୍ଚ ୨୦୨୫ ଦିନ ଅପରାହ୍ନ ୦୩ଘ.୩୦ମି.ରେ ଛାଡି କୋଲକାତା ଯାତ୍ରା କରିବ ।୦୮୫୪୯/୦୮୫୫୦ ବିଶାଖାପାଟଣା - ବେଙ୍ଗାଲୁରୁ - ବିଶାଖାପାଟଣା ହୋଲି ସ୍ପେଶାଲ୍ ବିଶାଖାପାଟଣାରୁ ୯ ମାର୍ଚ୍ଚରୁ ୨୩ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ରବିବାର ଦିନ ଅପରାହ୍ନ ୦୩ଘ.୩୦ମି.ରେ ଛାଡି ବେଙ୍ଗାଲୁରୁ ଯାତ୍ରା କରିବ । ଫେରିବା ଦିଗରେ, ଏହି ଟ୍ରେନ ବେଙ୍ଗାଲୁରୁରୁ ୧୦ ମାର୍ଚ୍ଚରୁ ୨୪ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ସୋମବାର ଦିନ ଅପରାହ୍ନ ୦୩ଘ.୫୦ମି.ରେ ଛାଡି ବିଶାଖାପାଟଣା ଯାତ୍ରା କରିବ । ଉଧନା (ସୁରତ)-ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍: ବ୍ରହ୍ମପୁର-ବିଜିଆନଗରମ୍-ରାୟଗଡ଼ା-ଟିଟିଲାଗଡ଼ ଏବଂ ରାୟପୁର ମାର୍ଗ ଦେଇ ୦୯୦୫୯/୦୯୦୬୦ ଉଧନା (ସୁରତ)-ଖୋର୍ଦ୍ଧା ରୋଡ୍-ଉଧନା ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଅବଧିକୁ ୨୦୨୫ ଏପ୍ରିଲ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।୦୨୮୩୭/୦୨୮୩୮ ସାନ୍ତ୍ରାଗାଛି-ପୁରୀ-ସାନ୍ତ୍ରାଗାଛି ସାପ୍ତାହିକ ବିଶେଷ ଟ୍ରେନ; ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସାପ୍ତାହିକ ସ୍ପେଶାଲ୍ ଏବଂ ୦୮୦୧୧/୦୮୦୧୨ ଭଞ୍ଜପୁର (ବାରିପଦା)-ପୁରୀ-ଭଞ୍ଜପୁର ଦ୍ୱି-ସାପ୍ତାହିକ ସ୍ପେଶାଲ୍ ଟ୍ରେନ ଚଳାଚଳ ଅବଧିକୁ ୨୦୨୫ ଜୁନ୍ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୦୨୮୧୧/୦୨୮୧୨ ଭୁବନେଶ୍ୱର-ଯଶବନ୍ତପୁର (ବାଙ୍ଗାଲୋର)-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ୍, ୦୮୩୧୧/୦୮୩୧୨ ସମ୍ବଲପୁର-ଏରୋଡ୍ (ତାମିଲନାଡୁ)-ସମ୍ବଲପୁର ସାପ୍ତାହିକ ସ୍ପେଶାଲ୍, ୦୮୫୦୮/୦୮୫୦୭ ବିଶାଖାପାଟଣା-ଶାଲିମାର-ବିଶାଖାପାଟଣା ସାପ୍ତାହିକ ସ୍ପେଶାଲ୍ ଏବଂ ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଦୈନିକ ଚଳାଚଳ କରୁଥିବା ସ୍ପେଶାଲ୍ ଟ୍ରେନ ସେବାକୁ ୨୦୨୫ ଏପ୍ରିଲ୍ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି, ୦୮୫୮୩/୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସାପ୍ତାହିକ ସ୍ପେଶାଲ୍ ଟ୍ରେନ ଚଳାଚଳ ଦିବସକୁ ୨୦୨୫ ଏପ୍ରିଲ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ଜଷ୍ଟିସ୍ ବାଗଚୀ ସୁପ୍ରିମକୋର୍ଟର ନୂଆ ବିଚାରପତି :୨୦୩୧ରେ ହେବେ ସିଜିଆଇ

ନୂଆଦିଲ୍ଲୀ :

କୋଲକାତା ହାଇକୋର୍ଟର ଜଜ୍ ଜଷ୍ଟିସ୍ ଜୟମାଲ୍ୟା ବାଗଚୀ ସୁପ୍ରିମକୋର୍ଟର ନୂଆ ଜଜ୍ ହେବେ । ରାଷ୍ଟ୍ରପତି ତାଙ୍କର ନିଯୁକ୍ତିକୁ ନେଇ ଆଦେଶ ଜାରି କରିଛନ୍ତି । ସୁପ୍ରିମକୋର୍ଟର ପାଞ୍ଚ ଜଜ୍‌ଙ୍କ କଲେଜିୟମ କେନ୍ଦ୍ର ସରକାରଙ୍କୁ ଜଜ୍ ବାଗଚୀଙ୍କ ନାଁ ସୁପାରିଶ କରିଥିଲା । ଜଷ୍ଟିସ୍ ବାଗଚୀଙ୍କ ସୁପ୍ରିମକୋର୍ଟରେ କାର୍ଯ୍ୟକାଳ ଦୀର୍ଘ ବର୍ଷର ହେବାକୁ ଯାଉଛି । ୨୦୩୧ ମେ' ମାସରେ ଜଷ୍ଟିସ୍ ଭି ବିଶ୍ୱନାଥନଙ୍କ ଅବସର ପରେ ସେ ପ୍ରଧାନ ବିଚାରପତି ହେବେ । ପୂର୍ବରୁ କୋଲକାତା ହାଇକୋର୍ଟ କୋଟାରୁ ଜଷ୍ଟିସ୍ ଅଲ୍‌ତମସ କବୀର ସୁପ୍ରିମକୋର୍ଟର ଜଜ୍ ହୋଇଥିଲେ । ୨୦୧୩ ଜୁଲାଇ ୧୮ରେ ସେ ଭାରତର ପ୍ରଧାନ ବିଚାରପତି ଭାବେ ଅବସର ନେଇଥିଲେ । ଏହାପରେ କୋଲକାତା ହାଇକୋର୍ଟରୁ ଭାରତର କେହି ବି ପ୍ରଧାନ ବିଚାରପତି ହୋଇନାହାନ୍ତି । ୨୦୩୧ ମାର୍ଚ୍ଚ ୨୫ରେ ଭି ବିଶ୍ୱନାଥନ୍ ଅବସର ନେବା ପରେ ଜଷ୍ଟିସ୍ ଜୟମାଲ୍ୟା ବାଗଚୀ ୨୦୩୧ ଅକ୍ଟୋବର ୨ରେ ଅବସର ଗ୍ରହଣ କରିବେ । ତେବେ ଅବସର ନେବା ପୂର୍ବରୁ ଚାରି ମାସରୁ ଅଧିକ ସମୟ ଯାଏ ସେ ଭାରତର ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରିବେ । ସିଜିଆଇ ପଦ ଗ୍ରହଣ କରିବା ପୂର୍ବରୁ ଜଷ୍ଟିସ୍ ବାଗଚୀଙ୍କ ପାଖରେ ସୁପ୍ରିମକୋର୍ଟରେ ଛଅ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା ଥିବ । ଜଷ୍ଟିସ୍ ବାଗଚୀ କୋଲକାତା ହାଇକୋର୍ଟ ଜଜ୍ ଭାବେ ଆରଜି କର ହସ୍ପିଟାଲରେ ଆର୍ଥିକ ଅନିୟମିତତା ଉପରେ ଶୁଣାଣି କରିଥିଲେ ଓ ଉଚ୍ଚ ସ୍ତରରେ ଦୁର୍ନୀତି ପ୍ରସଙ୍ଗକୁ ଉଠାଇ ଚର୍ଚ୍ଚାକୁ ଆସିଥିଲେ । ଶିକ୍ଷକ ଭର୍ତ୍ତି ଘୋଟାଳା ମାମଲାର ତଦନ୍ତ ବେଳେ ସିବିଆଇର ବ୍ୟବହାର ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଜଷ୍ଟିସ୍ ବାଗଚୀଙ୍କ ପଦୋନ୍ନତି ପରେ ସୁପ୍ରିମକୋର୍ଟରେ ସ୍ୱୀକୃତ ୩୪ ଜଜ୍‌ଙ୍କ ସଂଖ୍ୟା ପୂରା ହୋଇଛି ।

ଭୋଟ୍ ଗଡ଼ବଡି, ନିର୍ବାଚନ ପ୍ରକ୍ରିୟାର ସିଏଜି ଅଡିଟ ଦାବି

ନିର୍ବାଚନ କମିଶନଙ୍କୁ ଭେଟିଲା ବିଜେଡିର ସଂସଦୀୟ ଟିମ୍

ନୂଆଦିଲ୍ଲୀ:

ନିର୍ବାଚନ ପ୍ରକ୍ରିୟାର ସିଏଜି କିମ୍ବା ନିରପେକ୍ଷ ଅଡିଟରଙ୍କ ଦ୍ୱାରା ଅଡିଟ କରିବାକୁ ଦାବି କରିଛି ବିଜେଡି । ଗତ ସାଧାରଣ ନିର୍ବାଚନରେ ହୋଇଥିବା ଅନିୟମିତତା ଅଭିଯୋଗ ପ୍ରସଙ୍ଗରେ ଆଜି ପୁଣି ଥରେ ନିର୍ବାଚନ କମିଶନଙ୍କୁ ଭେଟି ଏହି ଦାବି କରିଛି ବିଜେଡିର ସଂସଦୀୟ ଟିମ ।

ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସାଂସଦ ମାନସ ରଂଜନ ମଙ୍ଗରାଜ, ମୁନ୍ନା ଖାଁ, ସୁଲତା ଦେଓ, ସସ୍ମିତ ପାତ୍ର, ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ, ନିରଂଜନ ବିଶି ନିର୍ବାଚନ କମିଶନଙ୍କୁ ପୂରା ନିର୍ବାଚନ ପ୍ରକ୍ରିୟାର ଅଡିଟ କରିବାକୁ ଦାବି କରିଛନ୍ତି । ଏଥିସହିତ ନିର୍ବାଚନ ପ୍ରକ୍ରିୟାର ବରିଷ୍ଠ ନାଗରିକଙ୍କ ଦ୍ୱାରା ତଦାରଖ କରିବାକୁ ଦାବି କରିଛନ୍ତି । ସବୁ ବୁଥରେ ଭିଭିପାଟ ଚିରକୁଟ ଓ ଇଭିଏମ ଗଣତି ମଧ୍ୟରେ ତାଳମେଳ କରିବାକୁ ମଧ୍ୟ ଦାବି କରାଯାଇଛି । ଏଥିସହିତ ୩୦ ଦିନର ସମୟ ସୀମା ମଧ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀ ଫର୍ମ ୧୭-ସି ଯେକୌଣସି ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ଫି ଦାଖଲ ପରେ ପ୍ରଦାନ କରିବାକୁ ବିଜେଡି ପ୍ରସ୍ତାବ ଦେଇଛି ।

ଏହା ପୂର୍ବରୁ ଗତ ଡିସେମ୍ବର ୨୩ ତାରିଖରେ ବିଜେଡି ସଂସଦୀୟ ଟିମ ନିର୍ବାଚନ କମିଶନଙ୍କୁ ଭେଟି ନିର୍ବାଚନରେ ହୋଇଥିବା ଅନିୟମିତତା ବାବଦରେ ଦୃଷ୍ଟି ଆକର୍ଷଣ କରିଥିଲେ । ରିଟର୍ଣ୍ଣିଂ ଅଫିସର ଦେଉଥିବା ତଥ୍ୟ ଓ ନିର୍ବାଚନ କମିଶନଙ୍କ ତଥ୍ୟରେ ମଧ୍ୟ ସନ୍ଦେହଜନକ ଭାବେ ତାରତମ୍ୟ ରହିଥିଲା । ଗୋଟିଏ ଗୋଟିଏ ବୁଥରେ ମୋଟ ଭୋଟର ସଂଖ୍ୟା ଓ ପୋଲିଂ ସଂଖ୍ୟା ମଧ୍ୟରେ ତାଳମେଳ ନ ଥିଲା । ଗୋଟିଏ ଗୋଟିଏ ବୁଥରେ ଦେଖାଦେଇଥିବା ତାରତମ୍ୟ ସାମଗ୍ରିକ ଭାବେ ଉଭୟ ବିଧାନସଭା ଓ ଲୋକସଭା ଫଳାଫଳକୁ ପ୍ରଭାବିତ କରିଥିବା ବିଜେଡି ଟିମ ଆଶଙ୍କା ପ୍ରକାଶ କରିଥିଲା । ଇଭିଏମ ଓ ଭିଭିପାଟ ବ୍ୟବହାରରେ ଭୋଟିଂକୁ ଦେଖାଦେଇଥିବା ଏଭଳି ତାରତମ୍ୟ ପୂରା ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି କରିଛି ବୋଲି ବିଜେଡି ଅଭିଯୋଗ କରିଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୭ଦିନ ପାଇଁ ...

ନିଆଯାଉ ଏବଂ ତାଙ୍କୁ ଚଳିତ ଅଧିବେଶନର ଆଗାମୀ ୭ ଦିନ ପାଇଁ ନିଲମ୍ବନ କରାଯାଉ ବୋଲି ବାଚସ୍ପତିଙ୍କୁ ପ୍ରସ୍ତାବ ଜରିଆରେ ଅନୁରୋଧ ଜଣାଇଥିଲେ । ବାଚସ୍ପତି ଶ୍ରୀମତୀ ପାତ୍ରୀ ଏହା ଉପରେ ଗୃହର ମତ ଲୋଡ଼ିଥିଲେ । ବାଚନିକ ଭୋଟରେ ପ୍ରସ୍ତାବଟି ଗ୍ରହଣ ହେଲା ବୋଲି ବାଚସ୍ପତି ଘୋଷଣା କରିଥିଲେ । ତେବେ ବାଚସ୍ପତିଙ୍କ ଏହି ଘୋଷଣା ପରେ ପ୍ରତିବାଦରେ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହ ମଝିରେ ପୋଡ଼ିୟମ ସମ୍ମୁଖରେ ସେମାନଙ୍କ ପ୍ରତିବାଦ ଜାରି ରଖିଥିଲେ । ଏପରିକି ବିଜେଡ଼ିର ବିଧାୟକମାନେ କିଛି କହିବାକୁ ଚାହୁଁଥିବା ବେଳେ ସେମାନଙ୍କୁ ସୁଯୋଗ ଦିଆନଯିବା ପ୍ରତିବାଦ ଜଣାଇ ସେମାନେ କକ୍ଷତ୍ୟାଗ କରିଥିଲେ । ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ବାଚସ୍ପତିଙ୍କ ଘୋଷଣା ପରେ ପ୍ରତିବାଦରେ ଗୃହର ମଧ୍ୟ ଭାଗରେ ପୋଡିୟମ ତଳେ ମୁହରେ କଳା କପଡା ବାନ୍ଧ ଧାରଣା ଦେଇଥିଲେ । ପୂର୍ବାହ୍ନ ବୈଠକରେ ଓଡ଼ିଆ ଅସ୍ମିତା, ନାରୀ ସୁରକ୍ଷା ପ୍ରସଙ୍ଗରେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ବିଧାନସଭାରେ ଦୁଇଦିନ ଧରି ଚଳାଇ ରଖିଥିବା ନାରାବାଜି, ପୋଷ୍ଟର ପ୍ରଦର୍ଶନ ଜନିତ ହଙ୍ଗାମାକୁ ଜୋରଦାର କରିଥିଲେ । ଗୃହରେ ଏଭଳି ଅବସ୍ଥା ଚଳିତ ଅଧିବେଶନରେ କେବେ ସୃଷ୍ଟି ହୋଇନଥିଲା । ଯଦିଓ ପ୍ରଶ୍ନୋତ୍ତର ଆରମ୍ଭରୁ ବିରୋଧୀ ଦଳର ବିଧାୟକମାନେ ସେମାନଙ୍କର ପ୍ରତିବାଦ ନାରାବାଜି ଓ ହଙ୍ଗାମା ଜାରି ରଖିଥିଲେ, ତା ସତ୍ତ୍ୱେ ବାଚସ୍ପତି ସୁରମା ପାତ୍ରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇଥିଲେ । ହଙ୍ଗାମା ମଧ୍ୟରେ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଉତ୍ତର ଦେଉଥିବା ବେଳେ ହଠାତ୍ ବିରୋଧୀ ଦଳର ବିଧାୟକମାନେ ତାଙ୍କୁ ଘେରିଯାଇ ତାଙ୍କ ମାଇକ୍ ଛଡ଼ାଇବା ସହ ତାଙ୍କ ଉପରକୁ ପ୍ରଶ୍ନପତ୍ର ଚିରି ଫିଙ୍ଗି ଦେଇଥିଲେ । ଏହା ଦେଖି ଶାସକ ବିଜେପିର ବିଧାୟକମାନେ ଉତ୍କ୍ଷିପ୍ତ ହୋଇ ମନ୍ତ୍ରୀଙ୍କ ସୁରକ୍ଷା ପାଇଁ ବାହାରି ଆସିଥିଲେ । ଏହି ସମୟରେ ଉଭୟ ବିରୋଧୀ ଏବଂ ଶାସକ ଦଳର ବିଧାୟକମାନଙ୍କ ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଥିଲା । ଏପରିକି ସେମାନଙ୍କ ମଧ୍ୟରେ ଠେଲାପେଲା, ଧସ୍ତାଧସ୍ତି ଆରମ୍ଭ ହୋଇଯାଇଥିଲା । ବିଜେପିର ବିଧାୟକମାନେ ବିରୋଧୀ ଦଳ ବିଧାୟକମାନେ ଧରିଥିବା ପୋଷ୍ଟରକୁ ଛଡ଼ାଇ ନେଇ ଫିଙ୍ଗି ଦେଇଥିଲେ । ଏହି ଘଟଣାବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଓ ସରକାରୀ ଦଳର ମୁଖ୍ୟ ସଚେତକଙ୍କ ସମେତ ଅନ୍ୟ କେତେକ ବରିଷ୍ଠ ବିଧାୟକ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜିତ ବିଧାୟକମାନଙ୍କୁ ବୁଝାସୁଝା କରି ଶାନ୍ତ କରିବାକୁ ଉଦ୍ୟମ କରିଥିଲେ । ଗୃହରେ ଏଭଳି ଅବସ୍ଥା ସୃଷ୍ଟି ହେବା ଦେଖି ବାଚସ୍ପତି ଶ୍ରୀମତୀ ପାତ୍ରୀ ପ୍ରଶ୍ନୋତ୍ତର ଚାଲିଥିବା ବେଳେ ୧୧.୦୩ ମିନିଟ୍‌ରୁ ୧୨.୧୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଏହାପରେ ଉପ ବାଚସ୍ପତି ଶ୍ରୀ ରମାକାନ୍ତ ଭୋଇ ୧୦ ମିନିଟ ଲେଖାଏଁ ଆଉ ଦୁଇଥର ଗୃହକୁ ମୁଲତବୀ ଘୋଷଣା କରିଥିଲେ । ୧୨.୩୦ ମିନିଟ୍‌ରେ ବାଚସ୍ପତି ପୁନର୍ବାର ଗୃହକୁ ଆସି ଗୃହ କାର୍ଯ୍ୟ ସୁପରିଚାଳନାରେ ସହଯୋଗ କରିବାକୁ ଉଭୟ ବିଜେଡ଼ି ଏବଂ କଂଗ୍ରେସ ଦଳର ବିଧାୟକମାନଙ୍କୁ ଅନୁରୋଧ ଜଣାଇବା ସହ ନିଜ ନିଜ ଆସନକୁ ଫେରିବାକୁ ନିବେଦନ କରିଥିଲେ । ଏହାସତ୍ତ୍ୱେ ବିରୋଧୀ ବିଧାୟକମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହି ପୋଡ଼ିୟମ ସମ୍ମୁଖରେ ନାରାବାଜି ଅବ୍ୟାହତ ରଖିଥିଲେ । ଏହାପରେ ବାଚସ୍ପତି ବିଜେପି ଦଳର ବିଧାୟକ ମାନଙ୍କ ଠାରୁ ମତାମତ ଜାଣିବା ପାଇଁ ଚାହିଁଥିଲେ । ଗୃହରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଜନିତ ଅଚଳାବସ୍ଥା ଏଡ଼ାଇବା ପାଇଁ ବିଜେପିର ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜଲେନ ନାୟକ, ଓମ୍ ପ୍ରକାଶ ମିଶ୍ର, ଅଶୋକ କୁମାର ମହାନ୍ତି, ଲକ୍ଷ୍ମଣ ବାଗ, ବିଧାୟିକା ଉପାସନା ମହାପାତ୍ର, ସଞ୍ଜଳି ମୁର୍ମୁ, ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଆଶ୍ରିତ ପଟ୍ଟନାୟକ, ସନାତନ ବିଜୁଳି, ପ୍ରତାପ ଚନ୍ଦ୍ର ନାୟକ, ଅମର ପ୍ରସାଦ ନାୟକ, ଦୁର୍ଗାପ୍ରସନ୍ନ ନାୟକ, ରୁପୁ ଭାତ୍ରା, ଭାସ୍କର ମଡେଇ, ବାବୁ ସିଂ, ସନ୍ତୋଷ ଖଟୁଆ ପ୍ରମୁଖ ଜଣକ ପରେ ଜଣେ ବିରୋଧୀ ଦଳ ବିଧାୟକମାନଙ୍କ ଅଶାଳୀନ ଆଚରଣକୁ କଡା ଭାଷାରେ ନିନ୍ଦା କରିବା ସହ ଗଣ୍ଡଗୋଳରେ ସମ୍ପୃକ୍ତ ବିରୋଧୀ ବିଧାୟକଙ୍କ ବିରୋଧରେ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ସମ୍ପୃକ୍ତ ବିଧାୟକମାନଙ୍କୁ ବହିଷ୍କାର କରାଯାଉ ବୋଲି ଦାବି ଉଠାଇଥିଲେ । ବିଧାୟକମାନଙ୍କ ଠାରୁ ମତାମତ ଶୁଣିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ନ ୪ଟାରେ ଆରମ୍ଭ ହେବା ପରେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ ସେମାନଙ୍କର ପ୍ରତିବାଦ, ହଙ୍ଗାମା ଜାରି ରଖିବା କାରଣରୁ ବାଚସ୍ପତି ଏବଂ ଉପ ବାଚସ୍ପତି ୫ଟା ୪୧ ପର୍ଯ୍ୟନ୍ତ (୩୦ ମିନିଟ୍, ୩୦ ମିନିଟ୍, ୨୦ ମିନିଟ୍, ୨୦ ମିନିଟ୍, ୧୦ ମିନିଟ୍) ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଏହାପରେ ବାଚସ୍ପତି ଗୃହ କାର୍ଯ୍ୟ ସେହି ହଙ୍ଗାମା ମଧ୍ୟରେ ଚଳାଇଥିଲେ । ଦିନ ତମାମ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା ।

ଓଡ଼ିଶାର ଏକତା ଓ ଅଖଣ୍ଡତା ...

କହିଥିଲେ ଯେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଏ ସରକାର କାର୍ଯ୍ୟରତ । ପଶ୍ଚିମ ଓଡ଼ିଶାର ବିକାଶ ସହିତ ରାଜ୍ୟ ସରକାର ସବୁ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ରାଜ୍ୟ ସରକାର ଏଥିପାଇଁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି । ରାଜନୀତିରେ ଆଲୋଚନା, ସମାଲୋଚନା, ବିକ୍ଷୋଭ ଆଦି କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ହୋଇଥାଏ । ସେ ଦୃଷ୍ଟିରୁ ବିରୋଧୀ ଦଳର ବିଧାୟକମାନେ ଯେକୌଣସି ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛନ୍ତି, ସେଥିପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଆସନ୍ତୁ ମିଳିମିଶି ଓଡ଼ିଶାର ବିକାଶ ପାଇଁ କାମ କରିବା ଏବଂ ବିଧାନସଭାକୁ ଠିକ୍ ଭାବେ ସୁପରିଚାଳନା କରିବା । ଏଥିରେ ବିରୋଧୀ ଦଳ ସହଯୋଗ କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ ନିବେଦନ କରିଥିଲେ ।

୮ ମାସ ଭିତରେ...

ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ୫୩୪.୫୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ଅଣଆବାସିକ ଓ ଆବାସିକ ଗୃହ ନିର୍ମାଣ ପାଇଁ ୪୧୬.୩୨ କୋଟି ଟଙ୍କା, ସୂଚନା ପ୍ରଯୁକ୍ତି ଭିତ୍ତିଭୂମିର ସୁଦୃଢୀକରଣ ପାଇଁ ୩୦ କୋଟିର ବ୍ୟବସ୍ଥା କରାଯାଇଥିବା ବେଳେ ପଞ୍ଜିକରଣ କାର୍ଯ୍ୟାଳୟମାନଙ୍କରେ ଅଧିକ ସ୍ୱଚ୍ଛତା ପାଇଁ ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ ଆରମ୍ଭ କରାଯାଇଛି । ସରକାରୀ ଜମିର ସୁରକ୍ଷାକୁ ଉଚ୍ଚପ୍ରାଥମିକତା ଦିଆଯିବା ସହ ଏଥିପାଇଁ ୨୦ କୋଟି ଟଙ୍କାର ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି । କେନ୍ଦ୍ରୀୟ ଜନଗଣନା କାର୍ଯ୍ୟକ୍ରମ ପାଇଁ ୫୫ କୋଟି ଟଙ୍କା ବରାଦ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ । ରାଜସ୍ୱମନ୍ତ୍ରୀଙ୍କ ଉତ୍ତର ପରେ ବାଚନିକ ଭୋଟ୍‌ରେ ଖର୍ଚ୍ଚ ଦାବି ପାରିତ ହୋଇଥିଲା ।

ଦେଶରେ ବଢୁଛି ...

ରିପୋର୍ଟ ଅନୁଯାୟୀ ଦିଲ୍ଲୀ, କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁରେ ସ୍ଥିତି

ସମ୍ବାଦ କଳିକା
ଶେଷ ପୃଷ୍ଠା
ଭୁବନେଶ୍ୱର
୧୨ ମାର୍ଚ୍ଚ,
ବୁଧବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

ଭୁବନେଶ୍ୱର : ସହିଦନଗର ବିଷ୍ଣୁମନ୍ଦିରରୁ ନଗର ପରିକ୍ରମାରେ ବାହାରିଥିବା ଠାକୁରଙ୍କ ଦୋଳ ବିମାନକୁ 'ସମ୍ବାଦ କଳିକା' କାର୍ଯ୍ୟାଳୟ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଉଛି। (ଫଟୋ : ସମ୍ବାଦ କଳିକା)

ପୁରୀରେ ପାଳନ ହେଉଛି ଗୋବିନ୍ଦ ଦ୍ୱାଦଶୀ ସିଂହଦ୍ୱାରରୁ ସମୁଦ୍ର ଯାଏଁ ଚାଲିଛି ସଂକୀର୍ତ୍ତନ

ପୁରୀ, ୧୧/୩ ନ୍ୟୁକ ବ୍ୟୁରୋ

ମଙ୍ଗଳବାର ପୂଷ୍ୟା ନକ୍ଷତ୍ର ଯୁକ୍ତ ଗୋବିନ୍ଦ ଦ୍ୱାଦଶୀ ଦୁର୍ଲଭ ବୁଡ । ବିଶ୍ୱାସ ରହିଛି ତୀର୍ଥରାଜ ମହୋଦଧିରେ ସ୍ନାନ କଲେ ଅଶେଷ ପୁଣ୍ୟ ମିଳିଥାଏ । ୧୦ ତାରିଖ ଦିନ ପାପନାଶିନୀ ଏକାଦଶୀରେ ୧୧ ତାରିଖ ସକାଳ ୮.୧୫ ସୁଦ୍ଧା ପୂଷ୍ୟା ନକ୍ଷତ୍ର ଯୁକ୍ତ ଗୋବିନ୍ଦ ଦ୍ୱାଦଶୀସ୍ନାନ ପାଳିତ ହୋଇଛି। ତୀର୍ଥରଜ ମହୋଦଧିରେ ପବିତ୍ର ଗୋବିନ୍ଦ ଦ୍ୱାଦଶୀ ସ୍ନାନ । ମହୋଦଧି ସ୍ୱର୍ଗଦ୍ୱାର ନିକଟ ଅମାବାସ୍ୟା ନାରାୟଣ ଠାକୁର ନାରାୟଣ ଘାଟରେ ସ୍ନାନ କରିଛନ୍ତି ବିଭିନ୍ନ ମଠାଧୀଶ ଏବଂ ଶ୍ରଦ୍ଧାଳୁ । ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଭବ୍ୟ ଶୋଭାଯାତ୍ରାରେ ସଂକୀର୍ତ୍ତନ କରି ବୁଡ ପକାଇଛନ୍ତି ଶ୍ରଦ୍ଧାଳୁ। ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଦୀର୍ଘ ୧୬ ବର୍ଷ ପରେ ଗୋବିନ୍ଦ ଦ୍ୱାଦଶୀ ପୁଷ୍ୟା ନକ୍ଷତ୍ର ଯୁକ୍ତ ହୋଇ ପଡିଥିବାରୁ ତୀର୍ଥ ରାଜ ମହୋଦଧିରେ ଶତାଧିକ ଶ୍ରଦ୍ଧାଳୁ, ମଠାଧୀଶ, ସେବାୟତ ବୁଡ଼ ପକାଇଛନ୍ତି । ଶ୍ରୀକ୍ଷେତ୍ର ମଠାଧୀଶ ସଂଘ ପକ୍ଷରୁ ସକାଳ ୬ଟା ୩୦ ରେ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସ୍ୱର୍ଗଦ୍ୱାର ନିକଟ ନାରାୟଣ ଘାଟରେ ପହଞ୍ଚିଥିଲା। ସେଠାରେ ଶହ ଶହ ସାଧୁ ସନ୍ତ, ମଠାଧୀଶ, ସେବାୟତ ଓ ଶ୍ରଦ୍ଧାଳୁ ମାନେ ବୁଡ଼ ପକାଇଥିଲେ। ତେବେ ଫଗୁଣ ମାସର ଆରାଧ୍ୟ ଦେବତା ହେଉଛନ୍ତି ଗୋବିନ୍ଦ। ଏଣୁ ଫଗୁଣ ମାସରେ ପ୍ରତ୍ୟେକ ବର୍ଷ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ହୋଇଥାଏ। କିନ୍ତୁ ଦୀର୍ଘ ୧୬ ବର୍ଷ ପରେ ଗୋବିନ୍ଦ ଦ୍ୱାଦଶୀ ପୁଷ୍ୟା ନକ୍ଷତ୍ର ଯୁକ୍ତ ହୋଇ ପଡିଛି ବୋଲି କହିଛନ୍ତି ଛତିଶା ନିଯୋଗ ନାୟକ। ଗତ ୨୦୦୯ ମସିହାରେ ଶେଷଥର ପାଇଁ ଏଭଳି ବିରଳ ଯୋଗ ପଡିଥିଲା। ଜ୍ୟୋତିଷ ଗଣନା ମୁତାବକ ଷୋଳ ବର୍ଷ ପରେ ଏଭଳି ଯୋଗ ପଡିଛି ବୋଲି କହିଛନ୍ତି ମଠାଧୀଶ।

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତାର ୧୧ ବର୍ଷ ପୂର୍ତ୍ତି: ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୧/୩ ନ୍ୟୁକ ବ୍ୟୁରୋ

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଭାବରେ ମାନ୍ୟତା ମିଳିବାର ୧୧ତମ ବାର୍ଷିକୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ପ୍ରଭାତୀ ପରିଡା ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲେଖିଛନ୍ତି, ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା। ଓଡ଼ିଆ ଭାଷା ଆମର ଗର୍ବ। ଆସନ୍ତୁ ଆମେ ଗୌରବମୟ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବାରେ ଆମର ମହାପୁରୁଷମାନଙ୍କ ଅତୁଳନୀୟ ଅବଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏବଂ ଓଡ଼ିଆ ଭାଷାର ପ୍ରସାର, ସୁରକ୍ଷା ଏବଂ ସମୃଦ୍ଧି ପ୍ରତି ଆମର ସଂକଳ୍ପକୁ ଆହୁରି ମଜବୁତ କରିବା। ଉପମୁଖ୍ୟମନ୍ତ୍ରୀ କେଭି ସିଂହ ଦେଓ ତାଙ୍କର ଭାବନା ପ୍ରକାଶ କରି ନିଜର ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି, ଏଗାର ବର୍ଷ ପୂର୍ବେ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ। ଏହି ଅବସରରେ ମୁଁ ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି ଏବଂ ଆମର ଗୌରବମୟ ଭାଷାକୁ ସମୃଦ୍ଧ କରିବା ପାଇଁ ପ୍ରୟାସ କରିଥିବା ମହାନ ବ୍ୟକ୍ତିତ୍ୱଙ୍କୁ ମୋର ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏକ୍ସରେ କହିଛନ୍ତି, ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଭାବରେ ମାନ୍ୟତା ମିଳିବାର ୧୧ତମ ବାର୍ଷିକୀରେ ମୁଁ ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି ଏବଂ ଆମର ଗୌରବମୟ ଭାଷାକୁ ସମୃଦ୍ଧ କରିବା ପାଇଁ ପ୍ରୟାସ କରିଥିବା ମହାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ଏହି ଐତିହାସିକ ବାର୍ଷିକୀ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା କଥିତ ଓଡ଼ିଆ ଭାଷାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ସାହିତ୍ୟିକ ଗୁରୁତ୍ୱକୁ ପାଳନ କରେ। ୨୦୧୫ ମସିହା ମାର୍ଚ୍ଚ ୧୧ ତାରିଖରେ ଓଡ଼ିଆକୁ ଶାସ୍ତ୍ରୀୟ ଭାଷା ଭାବରେ ଘୋଷିତ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଶାସ୍ତ୍ରୀୟ ଭାଷାର ମାନ୍ୟତା ୨୦୦୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ମାନଦଣ୍ଡର ଫଳାଫଳ। ସଂସ୍କୃତି ମନ୍ତ୍ରଣାଳୟ ଏହି ସମ୍ମାନଜନକ ମାନ୍ୟତା ପାଇଁ ପ୍ରସ୍ତାବିତ ଭାଷାଗୁଡ଼ିକୁ ପରୀକ୍ଷା କରିବା ପାଇଁ ସାହିତ୍ୟ ଏକାଡେମୀ ଅଧୀନରେ ଏକ ଭାଷାଗତ ବିଶେଷଜ୍ଞ କମିଟି (ଏଲଇସି) ପ୍ରତିଷ୍ଠା କରିଥିଲା। ଶାସ୍ତ୍ରୀୟ ଭାଷା ହେଉଛି ଏକ ପ୍ରାଚୀନ ଭାଷା ଯାହାର ଏକ ସମୃଦ୍ଧ ସାହିତ୍ୟିକ ଇତିହାସ ଏବଂ ସ୍ୱାଧୀନ ପରମ୍ପରା ଅଛି ଯାହା ଅନ୍ୟ ଭାଷା ଏବଂ ଦାର୍ଶନିକ ପାଠ୍ୟଗୁଡ଼ିକୁ ପ୍ରଭାବିତ କରିଚାଲିଛି। ୨୦୦୪ ମସିହାରେ ତାମିଲ ପ୍ରଥମ ଭାଷା ଭାବରେ ଭାରତର ଶାସ୍ତ୍ରୀୟ ଭାଷା ଭାବରେ ଘୋଷିତ ହୋଇଥିଲା।

ଭୁବନେଶ୍ୱର : ଲୋକସେବା ଭବନରେ ଭରତପୁର ଘଟଣା ସଂକ୍ରାନ୍ତରେ କମିଶନ ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହସ୍ତାନ୍ତର କରୁଛନ୍ତି ଜଷ୍ଟିସ୍ ସି.ଆର ଦାଶ। (ଫଟୋ : ସମ୍ବାଦ କଳିକା)

ଭୁବନେଶ୍ୱର : ନବୀନ ନିବାସ ଠାରେ ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଡିଏମ୍‌କେ ସାଂସଦ ଥିରୁ ଦୟାନିଧି ମାରନ ଓ ତାମିଲନାଡୁ ଶିଳ୍ପମନ୍ତ୍ରୀ ଟିଆରବି ରାଜା। (ଫଟୋ : ସମ୍ବାଦ କଳିକା)

ଗୋଡାଇ ଗୋଡାଇ ଅପରାଧୀଙ୍କୁ ସାବାଡ କରିବ କମିଶନରେଟ୍ ପୋଲିସ

ଭୁବନେଶ୍ୱର ୧୧/୦୩ ନ୍ୟୁକ ବ୍ୟୁରୋ

ଟ୍ୱିନ୍‌ସିଟି କଟକ ଓ ଭୁବନେଶ୍ୱରରେ ଅପରାଧୀଙ୍କୁ ଆଉ ନିସ୍ତାର ନାହିଁ । ଗୋଡ଼ାଇ ଗୋଡ଼ାଇ ବାନ୍ଧିବା ସହ ସାବାଡ଼ କରିବାକୁ ପୁଲିସ କମିଶନର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଚୋରି, ରାହାଜାନି, ଲୁଟ୍, ନିଶା ଓ ଅସ୍ତ୍ରଶସ୍ତ୍ର କାରବାର ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ହେବ। ଡିସିପିଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଏସବୁ ଉପରେ ନଜର ରଖିବା ସହ ଜେଲ୍ ଫେରନ୍ତା ଦାଗୀଙ୍କ ଇତିହାସ ବି ଦେଖିବ । ଜେଲ ଫେରନ୍ତା ପ୍ରତିମାସରେ ଥାନାରେ ହାଜର ପାଇଁ ନୋଟିସ ଓ ଅଭ୍ୟାସଗତ ଅପରାଧୀଙ୍କୁ ଟ୍ୱିନସିଟିରୁ ତଡ଼ିପାର କରାଯିବ । ମହିଳାଙ୍କ ବେକରୁ ଚେନ୍ ଝମ୍ପି ଜୀବନ ନେଇଗଲେ । ଭୁବନେଶ୍ୱରର ଦୁଇଟି ସ୍ଥାନରେ ସାଇବର ଠକ ସିମ୍ ବକ୍ସ ଓ ଡିଜିଟାଲ ଡିଭାଇସ ବସାଇ କୋଟିକୋଟି ଲୁଟିନେଲେ। ବିବାହ ମଣ୍ଡପରୁ ମାରାଥନ ଚୋରି ହେଲା । ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି କରି ପୁଲିସକୁ ଚ୍ୟାଲେଞ୍ଜ ଦେଲେ। ସବୁ ଘଟଣାରେ ଆନ୍ତଃରାଜ୍ୟ ଅପରାଧୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଲା। ବାହାର ରାଜ୍ୟକୁ ଯାଇ ଅପରାଧୀଙ୍କୁ ଧରିଲା ପୁଲିସ । ଆନ୍ତଃରାଜ୍ୟ ଅପରାଧୀଙ୍କୁ ୨ଟି ଏନକାଉଣ୍ଟର ହେଲା। ଏନେଇ ପୁଲିସ କମିଶନରଙ୍କ ଚେତାବନୀ ହାର୍ଡକୋର ଅପରାଧୀଙ୍କ ଛାତିରେ ଛନକା ପୁରାଇ ଦେଇଛି। ଆନ୍ତଃରାଜ୍ୟ ପେଷାଦାର ଅପରାଧୀଙ୍କୁ ଗିରଫ ପରେ ସେମାନଙ୍କ ସମ୍ପତ୍ତି ବ୍ୟାଜପ୍ତି ନେଇ ମଧ୍ୟ ତ୍ୱରିତ ଯୋଜନା ପ୍ରସ୍ତୁତ କରିଛି କମିଶନରେଟ ପୁଲିସ । ସେହିପରି ରାଜ୍ୟରେ ଚୋରା ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ରାଜ୍ୟ ତମାମ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଉଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଓ ପୋଲିସ ବିଭାଗର ମିଳିତ ସହଯୋଗରେ ଗତ ୭ ତାରିଖରୁ ପୋଲିସ ପକ୍ଷରୁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୪୫୬ ଟି ମାମଲା ରୁଜୁ କରାଯାଇଥିବା ବେଳେ ୫୨୪ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି। ଏହା ସହ ୩୬୦ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ୧ ଶହରୁ ଅଧିକ ଲୋକଙ୍କୁ ନୋଟିସ ଦିଆଯାଇଛି ବୋଲି ଡିଜିପି ଶ୍ରୀ ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଧରପଗଡ଼ ଅଭିଯାନ ଲଗାତାର ଭାବେ ଚାଲିବ ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି । ବାଲି, ମୋରମ ଚୋରା କାରବାର ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତିବିଶେଷ ପୋଲିସକୁ ସୂଚନା ମଧ୍ୟ ଦେଇପାରିବେ। ପୋଲିସର ଏହି ଅଭିଯାନ ଯୋଗୁଁ ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ଦୌରାତ୍ମ୍ୟ ନିଶ୍ଚିତ ଭାବେ କମିବ ବୋଲି ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ।

ବଜାରରେ ଉପଲବ୍ଧ...
'କଥାକଳିକା'ର ଜନ୍ମ ବିଶେଷାଙ୍କ ମାର୍ଚ୍ଚ-୨୦୨୫ ସଂଖ୍ୟା



ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ତ୍ରିନାଥ ପଟ୍ଟନାୟକ
ସମକାଳର କଥା : ପୁଷ୍ପାଞ୍ଜଳି କର, ଚନ୍ଦ୍ରପ୍ରକାଶ ପାତ୍ର, ଭାଗିରଥୀ ବେହେରା, ସିଦ୍ଧେଶ୍ୱର ତ୍ରିପାଠୀ, ପ୍ରତାପ ବିଶ୍ୱାଳ, ରଞ୍ଜନ ପ୍ରଧାନ, ବିନୋଦ, ପ୍ରଭାତ ସିହ୍ନା, କମଳିନୀ ମଲ୍ଲିକ, ବିଜନବାଳା ପାଟଯୋଶୀ, ସତ୍ୟରଞ୍ଜନ ସାହୁ, ଲିପସା ପଟେଲ, ବିଦ୍ୟାଧର ଗୁରୁ, ମଧୁସୂଦନ ମିଶ୍ର, ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ମନୋଜ କୁମାର ମହାନ୍ତି।
ଅନ୍ୟ ଭାଷାର କଥା : ସୁପ୍ରଭା ରାୟ, ନଗେନ୍ଦ୍ର ପଟ୍ଟନାୟକ।
ଯୁବ ମାନସର କଥା : ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ରୀନାରାଣୀ ରାଉତରାୟ, ଅନୁକମ୍ପା ପହି, ସତୀଶ ବିଶ୍ୱାଳ, ସରୋଜ ସାହୁ, ମଧୁସ୍ମିତା ମିଶ୍ର, ମାଙ୍ଗଳିକା ମହାପାତ୍ର, ସ୍ରୋତସ୍ୱିନୀ ପରିଡା।

(ଗାହକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୧୬/ ମୂଲ୍ୟ ୭୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

ଚଳଚ୍ଚିତ୍ର ଅଭିନେତ୍ରୀ ବୈଜୟନ୍ତୀ ମାଳାଙ୍କ ପରଲୋକ

ଚେନ୍ନାଇ, ୧୧/୩

ମଙ୍ଗଳବାର ଚେନ୍ନାଇ ଠାରେ ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତ୍ରୀ ବୈଜୟନ୍ତୀ ମାଳାଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତରେ ଏକ ଯୁଗର ଅବସାନ ଘଟିଛି। ଚଳଚ୍ଚିତ୍ର କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ତାଙ୍କୁ ସବୁଦିନ ପାଇଁ ସ୍ମରଣୀୟ ରଖିବ।

ଦୁର୍ଘଟଣାରେ ଯବାନଙ୍କ ମୃତ୍ୟୁ : ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ହେଲା ଶେଷକୃତ୍ୟ

ଆଠଗଡ଼ ୧୧/୦୩ ନ୍ୟୁକ ବ୍ୟୁରୋ

ଦୁର୍ଘଟଣାରେ ଯବାନଙ୍କ ମୃତ୍ୟୁ ଘଟିଛି। ଆଠଗଡ଼ ଅଞ୍ଚଳର କେନ୍ଦ୍ରୀୟ ସୁରକ୍ଷା ବଳର ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ମୃତ ଯବାନ ହେଉଛନ୍ତି ଆଠଗଡ଼ ଥାନା ଅରଖପାଟଣ ମୁକ୍ତାଦେଇପୁର ଗ୍ରାମର ସତ୍ୟବାନ ବେହେରା । ଗତ ୨୦୧୭ ମସିହାରେ ସେ ସିଆରପିଏଫ୍‌ରେ କନଷ୍ଟେବଳ ଭାବରେ ଯୋଗ ଦେଇଥିଲେ । ଗତ ୨ ତାରିଖ ଦିନ ତାଙ୍କର ମୁଣ୍ଡଳୀ ତଳଗଡ ଠାରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରିବା ପରେ ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି । ଗତ ୨୦୨୧ ମସିହାରେ ସେ ବିବାହ କରିଥିବା ବେଳେ ଘରର ବଡ଼ ପୁଅ ଥିଲେ । ତାଙ୍କର ମୃତ୍ୟୁରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଦୁଇ ବିଧାୟକଙ୍କୁ ହାଇକୋର୍ଟ ଝଟ୍‌କା

ଭୁବନେଶ୍ୱର ୧୧/୦୩ ନ୍ୟୁକ ବ୍ୟୁରୋ

ବିଧାନସଭା ନିର୍ବାଚନୀ ଅନିୟମିତତା ଅଭିଯୋଗ ମାମଲାରେ ଦୁଇ ବିଧାୟକଙ୍କୁ ହାଇକୋର୍ଟ ଝଟ୍‌କା । ଜଳେଶ୍ୱର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ବିରୋଧରେ ମାମଲା ଚାଲିବ । ବିନା ଶୁଣାଣିରେ ମାମଲା ଖାରଜ ପାଇଁ ଅଶ୍ୱିନୀଙ୍କ ଆବେଦନ ଖାରଜ କରିଛନ୍ତି ହାଇକୋର୍ଟ । ବିଧାୟକ ଅଶ୍ୱିନୀ ପାତ୍ରଙ୍କ ବିରୋଧରେ ଅନିୟମିତତା ଅଭିଯୋଗ ନେଇ ମାମଲା ଦାୟର କରିଛନ୍ତି ପରାଜିତ ପ୍ରାର୍ଥୀ ବ୍ରଜ ପ୍ରଧାନ । ସେହିଭଳି ନର୍ଲା ବିଧାନସଭା ନିର୍ବାଚନ ଅନିୟମିତତା ଅଭିଯୋଗ ମାମଲାରେ ବିଧାୟିକା ମନୋରମା ମହାନ୍ତିଙ୍କ ବିରୋଧରେ ଚାଲିବ ନିର୍ବାଚନୀ ମାମଲା । ପରାଜିତ ପ୍ରାର୍ଥୀ ଭକ୍ତ ଦାସଙ୍କ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି ହାଇକୋର୍ଟ । ନିର୍ବାଚନୀ ମାମଲା ଖାରଜ ପାଇଁ ମନୋରମାଙ୍କ ଆବେଦନ ଖାରଜ ହୋଇଛି ।